୬ ଦ୍ୱିତୀୟ ଟି-୨୦ : ଭାରତ ବିପକ୍ଷରେ ଇଂଲଣ୍ଡ ବିଜୟୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୫୫ • ୫ ଜୁଲାଇ ୨୦୨୬ ରବିବାର • ଭୁବନେଶ୍ୱର • Vol -33 • Issue-155 • 5th July 2026, Sunday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଦେଶର ପ୍ରଥମ ଗ୍ରୀନ୍‌ଫିଲ୍ଡ ସମନ୍ୱିତ ବିଶୋଧନାଗାର କମ୍ପ୍ଲେକ୍ସ

# ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

ଜୟପୁର, ୪।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ବାରମେରର ପଚଦ୍ରାଠାରେ ଦେଶର ପ୍ରଥମ ଗ୍ରୀନଫିଲ୍ଡ ସମନ୍ୱିତ ବିଶୋଧନାଗାର ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହା ସହିତ ସେ ଜୟପୁର ମେଟ୍ରୋ ଫେଜ୍-୨ ସମେତ ୧ ଲକ୍ଷ ୫ ହଜାର କୋଟି ଟଙ୍କା ମୂଲ୍ୟର ବିକାଶ କାର୍ଯ୍ୟର ଉତ୍ସର୍ଗ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେ ଏଲପିଜି ଟ୍ୟାଙ୍କରଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ସେ ସରକାରୀ ଚାକିରିରେ ନବ ନିଯୁକ୍ତ ଯୁବକମାନଙ୍କୁ ଅଭିନନ୍ଦନ ପତ୍ର ମଧ୍ୟ ପ୍ରଦାନ କରିଥିଲେ।




ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ତୈଳ ସଙ୍କଟ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ କାରଣରୁ ସମଗ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ପ୍ରତ୍ୟେକ ଦେଶ ଯନ୍ତ୍ରଣା ଭୋଗୁଛି, ଏହି ଯୁଦ୍ଧ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ସଙ୍କଟକୁ ଜନ୍ମ ଦେଇଛି। ଆଜି ପ୍ରମୁଖ ଦେଶଗୁଡ଼ିକ ଇନ୍ଧନ ଅଭାବର ସମ୍ମୁଖୀନ ହେଉଥିବା ବେଳେ, ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ସଙ୍କଟ ଦ୍ୱାରା ଭାରତର ପ୍ରୟାସ ପ୍ରଭାବିତ ହୋଇଛି। ଭାରତ ପ୍ରତ୍ୟେକ ପର୍ଯ୍ୟାୟରେ ସଠିକ୍ ନିଷ୍ପତ୍ତି ନେଇଥିଲା। ଠିକ୍ ସମୟରେ ସଙ୍କଟର ସଠିକ ଆକଳନ କଲେ, ଫଳପ୍ରଦ ରଣନୀତି ପ୍ରସ୍ତୁତ କଲେ। ଭାରତର ସମ୍ବଳର ଭଲ ଉପଯୋଗ କରାଯାଇଥିଲା ଏବଂ ଭାରତ ଏହି ସଙ୍କଟରୁ ମୁକୁଳିଛି।

ରାଜସ୍ଥାନ ବିଶୋଧନାଗାରର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ରାଜସ୍ଥାନର ଏହି ଭୂମିରୁ ଭାରତ ଆତ୍ମନିର୍ଭରଶୀଳ ହେବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛି। ଏହି ବିଶୋଧନାଗାର ଏଠାକାର ହଜାର ହଜାର ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ ହେବ। ଆଜିର ଦିନ ଏହି କଥାର ସାକ୍ଷୀ ଯେ ବିଜେପି ସରକାର କେବଳ ଭିତ୍ତିପ୍ରସ୍ତର ସ୍ଥାନ କରି ପ୍ରକଳ୍ପଗୁଡ଼ିକୁ ପରିତ୍ୟାଗ କରନ୍ତି ନାହିଁ। ସେହି ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଆମେ ଦିନ ରାତି କାମ କରୁଛୁ। ଦୁଇ ମାସ ପୂର୍ବେ ଏଠାରେ ଘଟିଥିବା ଦୁର୍ଘଟଣା ପରେ, ଏତେ ଶୀଘ୍ର କାମ ଶେଷ କରିବା ହେଉଛି କଠିନ ପରିଶ୍ରମର ପରାକାଷ୍ଠାର ଏକ ଉଦାହରଣ। ନୂତନ ଭାରତ ନା ନିଜ ସଂକଳ୍ପରୁ ପଛଘୁଞ୍ଚା ଦେଉଛି, ନା ନିଜ ଗତିକୁ ମନ୍ଥର କରୁଛି।

ଏହାପୂର୍ବରୁ, ସେ ବିଶୋଧନ ପ୍ରକ୍ରିୟା, ପ୍ରଯୁକ୍ତିବିଦ୍ୟା ଏବଂ (ପୃଷ୍ଠା ୭ରେ)

## ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପ୍ରସ୍ତୁତି ନେଇ ପୁରୀରେ ଡିଜିପିଙ୍କ ସମୀକ୍ଷା

# ଅଘଟଣ ମୁକ୍ତ ରଥଯାତ୍ରା ପାଇଁ ମୁତୟନ ହେବେ ୧୨ ହଜାର ପୋଲିସ୍ ଫୋର୍ସ

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୬ ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପୁରୀସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ସୁରକ୍ଷା ଉପରେ ଏହି ବୈଠକରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି।



ଏହି ରଥଯାତ୍ରାକୁ ଅଘଟଣ ମୁକ୍ତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟି ପାଇଁ ପ୍ରାୟ ୧୨,୦୦୦ ପୋଲିସ କର୍ମଚାରୀ, ଟ୍ରାଫିକ କନଷ୍ଟେବଳ ଓ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ସିଆରପିଏଫ ଏବଂ ବିଏସଏଫ ମୁତୟନ ରହି ସୁରକ୍ଷା ଦାୟିତ୍ୱ ତୁଲାଇବେ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୫୦ ପ୍ଲାଟୁନ ଓଏସଏପି, ଆଇଆରବିଏନ, ଏପିଆର ଏବଂ ଟ୍ରାଫିକ ଫୋର୍ସ ମୁତୟନ କରାଯିବ। ସହରର ବିଭିନ୍ନ ସ୍ଥାନରେ ୩,୦୦୦ ହୋମଗାର୍ଡଙ୍କୁ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ ତଥା ଟ୍ରାଫିକ ଓ ପାର୍କିଂରେ ପୋଲିସକୁ ସହଯୋଗ କରିବେ।

ବୈଠକରେ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ରଥ ଯାତ୍ରା ସମୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଯେଉଁ ପ୍ରତିକୂଳ ପରିବେଶ ସୃଷ୍ଟି ହେବ, ତା ପ୍ରତି ସଜାଗ ରହି ଆଗୁଆ ପଦକ୍ଷେପ ନେଇ ରଥଯାତ୍ରାକୁ ସୁସଂଗଠିତ କରିବାକୁ ପଡିବ। ଭକ୍ତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସୁରୁଖୁରୁରେ ପୁରୀରେ ପହଞ୍ଚି, ଭଲରେ ମହାପ୍ରଭୁଙ୍କ ଦର୍ଶନ ସାରି ସୁରକ୍ଷିତ ଭାବେ ନିଜ ନିଜ ଘରକୁ ଫେରି ପାରିବେ, ତାହା ଉପରେ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ବାହାରୁ ଆସୁଥିବା ପୋଲିସ ଫୋର୍ସ ମାନଙ୍କ ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଛି। ଜନସାଧାରଣଙ୍କ ସହଯୋଗରେ ୨୦୨୬ ରଥଯାତ୍ରା ଅତ୍ୟନ୍ତ ସଫଳତାର ସହ ସମ୍ପାଦିତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଜନସାଧାରଣଙ୍କୁ ନିବେଦନ କରି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ଶ୍ରଦ୍ଧାଳୁମାନେ ପୁରୀ ଅଭିମୁଖେ ବାହାରିବା ସମୟରେ ଓଡ଼ିଶା ପୋଲିସର ଅଫିସିଆଲ୍ ପୋର୍ଟାଲ୍ ଏବଂ ଟ୍ରାଫିକ ପରିଚାଳନା ପାଇଁ ସମୟ ସମୟରେ ଜାରି ହେଉଥିବା ବିଭିନ୍ନ 'ଟ୍ରାଫିକ ଆଡଭାଇଜରୀ' କୁ ଧ୍ୟାନ ଦେବା ଉଚିତ୍। ପୋର୍ଟାଲ ଜରିଆରେ ଦିଆଯାଉଥିବା ସମସ୍ତ ପରାମର୍ଶ ଓ ନିୟମକୁ ସଠିକ୍ ଭାବେ ପାଳନ କରି ଯାତ୍ରା କଲେ ଟ୍ରାଫିକ ସମସ୍ୟା ଏଡ଼ାଯାଇପାରିବ।

ଏହି ସମୀକ୍ଷା ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ (ପୃଷ୍ଠା ୭ରେ)

## ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା

# ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସରକାର ସଜାଗ

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଥିବାବେଳେ ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି।



ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି (ପୃଷ୍ଠା ୭ରେ)

## ୨୦ରୁ ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୪।୭

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୦ରୁ ଆରମ୍ଭ ହେବ ଏବଂ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଶନିବାର ଦିନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୌସୁମୀ ଅଧିବେଶନ ୨୦୨୬ ପାଇଁ ସଂସଦର ଉଭୟ ଗୃହକୁ ଡାକିବା ପାଇଁ ଅନୁମୋଦନ କରିଛନ୍ତି। ଏହି ଅଧିବେଶନ ଜୁଲାଇ ୨୦ ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅର୍ଥପୂର୍ଣ୍ଣ ବିତର୍କ, ଆଲୋଚନା ଏବଂ ନିଷ୍ପତ୍ତି ନିଆଯିବ। ଉଲ୍ଲେଖନୀୟ କଥା ହେଉଛି, ଗତ ବଜେଟ୍ ଅଧିବେଶନ ପରଠାରୁ ସଂସଦର ଉଭୟ ସଦନର ସମୀକରଣରେ (ପୃଷ୍ଠା ୭ରେ)

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଡାକ୍ତର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଡାକ୍ତର ଆନ୍ଦୋଳନ ସ୍ଥଗିତ ରହିଛି। ପୂର୍ବ ଘୋଷଣା ଅନୁସାରେ ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗଙ୍କ ସହ ଓମ୍‌ସାର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆନ୍ଦୋଳନରତ ଡାକ୍ତରମାନଙ୍କ ଦାବି ଓ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଲୋଚନାର ନିଷ୍ପତ୍ତି ଅନୁସାରେ ଆଜିଠାରୁ (ଶନିବାର) ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି।




ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ସହ ଆଲୋଚନା ସଫଳ ହୋଇଛି। ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଓମସାର ଯେଉଁ ୧୦ ଦଫା ଦାବି ଥିଲା ସେନେଇ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆଗାମୀ ୯ ତାରିଖରେ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ।
- ୨୩୨ କୋଟି ଟଙ୍କାର ଠକେଇ ମାମଲାରେ ଦୁଇଟି ବ୍ୟାଙ୍କରେ ସିବିଆଇର ଚଢ଼ଉ।
- କେନ୍ଦ୍ର ସରକାର ଟେଲିଗ୍ରାମକୁ ନିଜେ ପାଇରେସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।
- ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଦୁଇ ଦିନିଆ ମଧ୍ୟପ୍ରଦେଶ ଗସ୍ତ।

# ସିଇଓଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ



ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଲନଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପାଇଁ ନିଯୁକ୍ତ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଉପ-ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ,ଅନାମିକା ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସମୀକ୍ଷା ବୈଠକ ବସିଥିଲା। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ୨୦୨୬ ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ୧୦ ଜଣ ଆଇଏଏସ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟାର ସଫଳ ସମାପ୍ତି, ଚାଲିଥିବା (ପୃଷ୍ଠା ୭ରେ)




## ଗାଡ଼ି ଧକ୍କାରେ ୩ ମୃତ

ଭୁବନେଶ୍ୱର, ୪।୭
ନ୍ୟୁଜ୍ ବ୍ୟୁରୋ

ବାଲିଗୁଡ଼ାରେ ଅଜଣା ଗାଡ଼ି ଧକ୍କାରେ ୩ ମୃତ । ବାଲିଗୁଡ଼ା ଥାନା ମହାସିଂଙ୍ଗ ପୋଲ ଉପରେ ବିଳମ୍ବିତ ରାତିରେ ଘଟିଛି ଦୁର୍ଘଟଣା । ମହାସିଂଙ୍ଗ ପୋଲ ଉପରେ ବାଇକକୁ ଧକ୍କା ଦେଇ ଘଟଣା ସ୍ଥଳରୁ ଅଜଣା ଗାଡ଼ି ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଓ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୨ମୃତ୍ୟୁବରଣ କରିଥିବା ବାଲିଗୁଡ଼ା ପୋଲିସ ସୂଚନା ଦେଇଛି। ଦୁଘଟଣା ଘଟିବା ପରେ ମହିସିଂଙ୍ଗ ଗ୍ରାମବାସୀ ବାଲିଗୁଡ଼ା ପୋଲିସକୁ ସୂଚନା ଦେଇଥିଲେ ଓ ତାପରେ ବାଲିଗୁଡ଼ା (ପୃଷ୍ଠା ୭ରେ)

## ଶ୍ରଦ୍ଧାଞ୍ଜଳି



**ଦୁର୍ଗାଚରଣ ସାହୁ**
ଅବସରପ୍ରାପ୍ତ ଆଇଏଏସ୍
ସ୍ତମ୍ଭକାର ତଥା ଔପନ୍ୟାସିକ

ଗତ ତା ୨୪.୦୬.୨୦୨୬ରିଖ ବୁଧବାର ସନ୍ଧ୍ୟାରେ 'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭକାର ଶ୍ରୀ ଦୁର୍ଗାଚରଣ ସାହୁଙ୍କ ପରଲୋକ ହୋଇଯାଇଛି।

ଆଜି ତାଙ୍କର ଦ୍ୱାଦଶାହରେ 'ସମ୍ବାଦ କଳିକା', 'କଥା କଳିକା', 'ଉତ୍କଳ ଦୀପିକା' ଓ 'ରବିବାସରୀୟ କଳିକା' ପରିବାର ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

## ଏକାଳ ପଖାଳ



ହାତଲେଖା ଦେଖି ଲାଗଇ ଭାଇନା
ଆସିଗଲା ଭଲ ଦିନ
ପ୍ରଭାରୀ ପ୍ରଭାବେ କୋଳାକୋଳି ଏବେ
ପାଣିରେ ଖେଳୁଛି ମୀନ
ପାଇକି ପରମ ଜ୍ଞାନ
ଦେଖିବା କେତେ ମନେ ରଖୁଛନ୍ତି ନା
ମସ୍ତିଷ୍କ ହେବ ଉଭାନ।

# ୧୭ ପାକିସ୍ତାନୀଙ୍କ ସମେତ ୨୩ ଜଣଙ୍କୁ ଆତଙ୍କବାଦୀ ଘୋଷଣା କଲା କେନ୍ଦ୍ର



ନୂଆଦିଲ୍ଲୀ, ୪।୭

ଆତଙ୍କବାଦ ବିରୋଧରେ କେନ୍ଦ୍ର ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତି ଅଧୀନରେ ଗୃହ ମନ୍ତ୍ରଣାଳୟ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ-୧୯୬୭ (ୟୁଏପିଏ) ଅନୁଯାୟୀ ଆଉ ୨୩ ଜଣ ଆତଙ୍କବାଦୀଙ୍କୁ ନାମିତ କରିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ୟୁଏପିଏର ଚତୁର୍ଥ ଅନୁସୂଚୀରେ ନାମିତ ଆତଙ୍କବାଦୀଙ୍କ ସଂଖ୍ୟା ୮୦କୁ ବୃଦ୍ଧି ପାଇଛି। ଘୋଷିତ ୨୩ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ୧୭ ଜଣ ପାକିସ୍ତାନୀ ଏବଂ ୬ ଜଣ ଭାରତୀୟ ନାଗରିକ।

ଗୃହ ମନ୍ତ୍ରଣାଳୟ କହିଛି ଯେ ଏହି ଆତଙ୍କବାଦୀମାନଙ୍କୁ ଆନୁଷ୍ଠାନିକ ଭାବେ ନାମିତ କରିବା ଦ୍ୱାରା ସେମାନଙ୍କର ଆର୍ଥିକ ନେଟୱାର୍କ, ଗତିବିଧି, ନିଯୁକ୍ତି କ୍ଷମତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବାରେ ସାହାଯ୍ୟ କରିବ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ମଜଭୁତ କରିବ।

ଆତଙ୍କବାଦ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଶୂନ୍ୟ ସହନଶୀଳତା' ଦୃଷ୍ଟିକୋଣକୁ ଆଗକୁ ନେଇ, ୟୁଏପିଏ ଅଧୀନରେ ନିଷିଦ୍ଧ ସଙ୍ଗଠନର ୨୩ ଜଣ ଭୟଙ୍କର ଆତଙ୍କବାଦୀଙ୍କୁ ଆତଙ୍କବାଦୀ ଭାବରେ ନାମିତ କରାଯାଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି। ସେ କହିଛନ୍ତି ଯେ ଏହି ଆତଙ୍କବାଦୀମାନେ ଭାରତ ବିରୋଧୀ କାର୍ଯ୍ୟକଳାପ, ଆତଙ୍କବାଦୀ ଆକ୍ରମଣ, ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ସୀମା ପାର ଅନୁପ୍ରବେଶ, ଆତଙ୍କବାଦୀ ସଂଗଠନକୁ ସହାୟତା ଏବଂ ପ୍ରୋତ୍ସାହନ, ପାଣ୍ଠି ସଂଗ୍ରହ ଏବଂ ଆତଙ୍କବାଦୀ ନିଯୁକ୍ତି ସହିତ ଜଡିତ ଅଛନ୍ତି। ଶାହା କହିଛନ୍ତି ଯେ ମୋଦୀ ସରକାର ଭାରତ ଏବଂ ଏହାର ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଆତଙ୍କବାଦୀ ମୋଡ୍ୟୁଲକୁ ସମାପ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ।

ସମସ୍ତେ ବର୍ତ୍ତମାନ ପାକିସ୍ତାନ କିମ୍ବା ପାକିସ୍ତାନ ଅଧିକୃତ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଜୁଲାଇ ୨୦୨୬ ରବିବାର





# ଉଚ୍ଚ ବିଦ୍ୟାଳୟର ସମସ୍ୟା ଅନୁଧ୍ୟାନ କଲେ ବିଧାୟକ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତରେ ଥିବା ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ପରିଦର୍ଶନ କରି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ଦିନ ହେଲା ଉଚ୍ଚ ବିଦ୍ୟାଳୟର ଦୁଇ ମହଲା କୋଠା ନିର୍ମାଣ ସରିଥିଲେ ମଧ୍ୟ ଠିକାଦାର ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ପାଇନଥିବାରୁ ନିର୍ମାଣାଧିନ କୋଠାକୁ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଉନାହିଁ। ଯାହାଫଳରେ ଛାତ୍ର/ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରଧାନ ଶିକ୍ଷକ ଓ ସରପଞ୍ଚ ବିଧାୟକଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ହାଇସ୍କୁଲର ଗଣିତ ଶିକ୍ଷକ ଦିବାକର ପ୍ରଧାନ ଅବସର ନେଉଥିବାରୁ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ପ୍ରଧାନ, ଜ୍ଞାନ ରଞ୍ଜନ ମହାନ୍ତି, ସରପଞ୍ଚ କଳ୍ପନା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସଂସ୍କୃତ ଶିକ୍ଷକ ପ୍ରଭାକର ସାର୍ ପ୍ରମୁଖ ଉପସ୍ଥିତ ଥିଲେ।



# ଜେଲ୍ ନା ଯମପୁର : ୧୨ ବର୍ଷରେ ୧୪ ମୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ ଜେଲ୍‌ରେ ୨ ସନ୍ଦେହଜନକ ମୃତ୍ୟୁକୁ ମିଶାଇ ଗତ ୧୨ ବର୍ଷରେ ଝାରପଡ଼ା ସ୍ୱତନ୍ତ୍ର କାରବାରରେ ୧୪ କଏଦୀଙ୍କ ମୃତ୍ୟୁ ହେଲାଣି। ଝୁଲନ୍ତା ଅବସ୍ଥାରେ, ଝରକାରେ ଫାଶୀ ଦେଇ ଏବଂ କଏଦୀଙ୍କ ରକ୍ତାକ୍ତ ମୃତଦେହ ମଧ୍ୟ ଜବତ ହୋଇଛି। ଅନେକ ଘଟଣାରେ କଏଦୀଙ୍କ ମଧ୍ୟରେ ବିବାଦ, ଗୋଷ୍ଠୀ ସଂଘର୍ଷ, ହତ୍ୟା ଭଳି ଅଭିଯୋଗ ମଧ୍ୟ ଆଣିଛନ୍ତି ପରିବାର ଲୋକ। ପୁଲିସ ଏସବୁ ସନ୍ଦେହଜନକ ମୃତ୍ୟୁକୁ ଆତ୍ମହତ୍ୟା ଦର୍ଶାଇ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍। ମୃତ୍ୟୁପଛର ପ୍ରକୃତ ସତ୍ୟ ଉନ୍ମୋଚନ ପାଇଁ କମିଶନରେଟ୍ ପୁଲିସ ଯେଭଳି ତତ୍ପରତା ଦେଖାଇବା କଥା, ଦେଖାଇ ନାହିଁ।କଏଦୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଏକାଧିକ ଥର ଅଙ୍ଗୁଳି ଉଠିଛି। ନିୟମ ଅନୁଯାୟୀ ଗିରଫ ପରେ ଡାକ୍ତରୀ ପରୀକ୍ଷା କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଯାଏ। ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଜେଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଏ। ସେହି ହିସାବରେ ଜେଲ୍ କର୍ତ୍ତୃପକ୍ଷ ଚିକିତ୍ସା ଯୋଗାଇଦେବେ। କିନ୍ତୁ ଏ ବାବଦରେ ସାଧାରଣ କଏଦୀଙ୍କ ସମସ୍ୟା ପ୍ରତି ସର୍ବନିମ୍ନ ଦୃଷ୍ଟି ଦିଆଯାଉନାହିଁ।

ଏନ୍‌ଏଚ୍‌ଆରସି ଗାଇଡ଼୍‌ଲାଇନ୍ ଅନୁସାରେ, ସଜା ଭୋଗୁଥିବା କଏଦୀ ବା ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁହେଲେ ଏହାର ବିଚାର ବିଭାଗୀୟ ତଦନ୍ତ ହେବ। ତେବେ ଝାରପଡ଼ା ଜେଲ୍‌ରେ କଏଦୀଙ୍କ ମୃତ୍ୟୁର ତଦନ୍ତ ଏହି ଆଧାରରେ ହେଉଛି କି ନାହିଁ ସନ୍ଦେହରେ। ଯଦି ହେଉଛି, ତେବେ ତଦନ୍ତର ଫଳାଫଳ ସମ୍ପର୍କରେ ମୃତକଙ୍କ ପରିବାର ଓ ସାଧାରଣଜନତା ଅଜ୍ଞ। ୨୦୨୩ ମେ' ୨୨ରେ ବିଚାରାଧୀନ ମହିଳା କଏଦୀ ବାଲିପାଟଣା ଥାନା ରାଜସ ଅଞ୍ଚଳର ସୁକାନ୍ତି ଦାସ ଓରଫ ଗୁନୁ (୩୭)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଲକ୍ଷ୍ମୀସାଗର ଥାନା ପୁଲିସ ଜବତ କରିଥିଲା। ବାଥ୍‌ରୁମ୍ ସ୍କାଏ ଲାଇଟ୍‌ରୁ ଗୁନୁ ନିଜ ଓଢ଼ଣୀରେ ଝୁଲି ରହିଥିବା ଖବର ପାଇ ଜେଲ୍ କର୍ମଚାରୀ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଏବେ ବି ରହସ୍ୟରେ ରହିଛି। ୨୦୨୨ ଜୁଲାଇ ୧୦ ତାରିଖ ଦିନ ଗ୍ରିନ୍‌-ରେ' ଚିଟ୍‌ଫଣ୍ଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କ ମୀର ସହିରୁଦ୍ଦିନଙ୍କର ଜେଲ୍ ଭିତରେ ମୃତ୍ୟୁ ଏବେ ବି ରହସ୍ୟରେ। ଗାଧୁଆ ଘରେ ଗୋଡ଼ଖସି ମୁଣ୍ଡରେ ଆଘାତରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିଲା। ହେଲେ ତାଙ୍କ ସାନଭାଇ ମୀର ଜାହିରଉଦ୍ଦିନ ହତ୍ୟା ଅଭିଯୋଗ ଆଣିଥିଲେ।



ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ଚନ୍ଦକା ଥାନା ଅନ୍ଧାରୁଆ ଅଞ୍ଚଳର ପ୍ରାଣକୃଷ୍ଣ ଦାସଙ୍କର ଫେବୃଆରି ୨୧ରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ରାତି ପ୍ରାୟ ଗୋଟାଏରେ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇଦିନ ଆଗରୁ ସେ ଫୋନ୍‌ରେ କଥଶ ହୋଇଥିବା ଏବଂ ସୁସ୍ଥ ଥିବା ପରିବାର ଲୋକ ଦର୍ଶାଇ ହତ୍ୟା ଅଭିଯୋଗ ଆଣି ପୁଲିସ କମିସନରଙ୍କୁ ଭେଟି ଜଣାଇଥିଲେ। ୨୦୧୮ ଅକ୍ଟୋବରରେ ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୫ ବର୍ଷ ହେଲା ସଜା କାଟୁଥିବା ଜଟଣୀ ଥାନା ଅଧୀନ ବଡ଼ତୋଟା ନୂଆସାହିର ଗଦାଧର ସାହୁଙ୍କର ଏହି ଜେଲ୍‌ରେ ମୃତ୍ୟୁ ଘଟିଥିଲା। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ କିଛି ସମୟ ଚିକିତ୍ସା ପରେ ତାଙ୍କ ମୃତ୍ୟୁ ଘଟିଥିବା ଜେଲ୍ କର୍ତ୍ତୃପକ୍ଷ ଜରାଇବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ହସ୍ପିଟାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ତେବେ ଗଦାଧରଙ୍କ ମୃତ୍ୟୁ ମାଡ଼ ମରାଯିବା ଫଳରେ ହୋଇଛି, ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ମାଡ଼ଦାଗ ଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକଙ୍କ ଅଭିଯୋଗ ପରେ ଜଣେ ବିଚାରପତିଙ୍କ ଉପସ୍ଥିତିରେ ଗଦାଧରଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ଏହାର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଥିଲା। ଘଟଣାର ଏଚ୍‌ଆରପିସି ତଦନ୍ତ ପାଇଁ ମଧ୍ୟ ସୁପାରିସ ହୋଇଥିଲା। ମେ' ୧୨ତାରିଖରେ ଜିତେନ୍ଦ୍ର ବିଶ୍ୱାଳ ନାମକ ଜଣେ ବିଚାରାଧୀନ କଏଦୀଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜେଲ୍ ଭିତରୁ ଜବତ କରିଥିଲା। ତାଙ୍କୁ ହତ୍ୟା କରି ଟଙ୍ଗାଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ସେହିପରି ୨୦୧୫ରେ ବେଣୁଧର ଜେନା ଓ ଟୁଲୁ ସାହୁ ନାମକ ଦୁଇ ଜଣ କଏଦୀଙ୍କ ମୃତ୍ୟୁ ଘଟିଥିଲା। ୨୦୧୪ରେ ବିହାରୀ ଜେନା ନାମକ ଜଣେ ହତ୍ୟା ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏ ସବୁ ସନ୍ଦେହଜନକ ମୃତ୍ୟୁ ଅଭିଯୋଗ ଆସିଥିଲା। କିନ୍ତୁ ଏହାର ତଦନ୍ତ କି ଫଳାଫଳ ଆଜିଯାଏଁ ଜେଲ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି।

# ଜିଲ୍ଲା ପ୍ରଶାସନର ଯୁଗ୍ମଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜୁଲାଇ ୨୦୨୬ ଠାରୁ ସେପ୍ଟେମ୍ବର ମାସ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜୁଲାଇ ମାସ ୬ ତାରିଖ ଦିନ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଜୁଲାଇ ୧୩ ତାରିଖ ଦିନ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ଜୁଲାଇ ୨୦ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜୁଲାଇ ୨୭ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ମାସ ୩ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଅଗଷ୍ଟ ୧୦ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଅଗଷ୍ଟ ୧୭ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅଗଷ୍ଟ ୨୪ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ଓ ଅଗଷ୍ଟ ୩୧ ତାରିଖ ଦିନ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ମାସ ୭ ତାରିଖ ଦିନ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ସେପ୍ଟେମ୍ବର ମାସ ୨୧ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସେପ୍ଟେମ୍ବର୍ ମାସ ୨୮ ତାରିଖ ଦିନ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି ।

# ମହିଳାମାନଙ୍କ ସ୍ୱାଭିମାନର ଲଢେଇରେ ମହିଳା କମିଶନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଡି ଏସ ପି ପ୍ରଜ୍ଞା ମିଶ୍ର ଙ୍କ ସମେତ କମିଶନ ର ସଦସ୍ୟ ସଦସ୍ୟା ପ୍ରତିଭା ଶତପଥୀ, କଳ୍ପନା ମଲ୍ଲିକ, ପି ଓ ଜଗତସିଂହପୁର ସ୍ମିତାଞ୍ଜଳି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭ ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ ମହିଳା ମାନଙ୍କ ସ୍ୱାଭିମାନ ର ଲଢ଼ାଇ ରେ ମହିଳା କମିଶନ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧ୍ୟକ୍ଷା ଶୋଭନା ମହାନ୍ତି ମହିଳା ମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କମିଶନ ସର୍ବଦା ତତ୍ପର ବୋଲି କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିର ରେ ମୋଟ ୨୪ ଟି କେସ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ସେଥି ମଧ୍ୟରୁ ୧୬ ଟି କେସ ର ଆବେଦନକାରୀ ଉପସ୍ଥିତ ଥିଲେ। ସେଥିମଧ୍ୟରୁ ୫ ଟି କେସ ର ଆପୋଷ ବୁଝାମଣା ସହ ସମାଧାନ ହୋଇଥିଲା। କମିଶନ ର ଅଧ୍ୟକ୍ଷା ସଦସ୍ୟ ମାନଙ୍କ ସୁଚିନ୍ତିତ ପରାମର୍ଶ ଓ ଉପଦେଶ ସମସ୍ୟା ସମାଧାନ ଦିଗରେ ସାହାଯ୍ୟ କରିଥିଲା। ୨ ଟି କେସ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ, ୧ ଟି ଉପ ଜିଲ୍ଲାପାଳ ଙ୍କ ନିକଟକୁ ଓ ୮ ଟି କେସ ର କେବଳ ଆବେଦନକାରୀ ଉପସ୍ଥିତ ଥିବାରୁ ପୁନଃ ହାଜିରା ପାଇଁ ନୋଟିସ ହୋଇଥିଲା। ଏତଦ୍‌ବ୍ୟତୀତ ୧ଟି ନୂତନ କେସ ଗ୍ରହଣ କରାଯାଇଥିଲା।

# ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ

**ସାଲେପୁର, ନ୍ୟୁଜ୍ ବ୍ୟୁରୋ**

ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରକ୍ଷା କରି ଓଡିଆ ସଂସ୍କୃତି, ଭାଷା, ମାଟି ଓ ମଣିଷକୁ ଭଲ ପାଉଥିବା ଯଶସ୍ୱୀ ଗୀତିକବି କ୍ଷୀରୋଦଚନ୍ଦ୍ର ପୋଥାଳଙ୍କ ସାରସ୍ୱତ ସରହଦ ଏକାନ୍ତ ଅନନ୍ୟ ବୋଲି କ୍ଷୀରୋଦ ପୋଥାଳ ସ୍ମୃତି ସଂସଦ ଓ ଓଡିଆ ଭାଷା ସାହିତ୍ୟ ବିଭାଗ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କବିଙ୍କ ୮୭ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହରେ ବିଶିଷ୍ଟ ସାରସ୍ୱତ ସାଧକମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ଜୟନ୍ତୀ ସମାରୋହରେ ଅନୁଷ୍ଠାନର ସଭାପତି ଦେବେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ସ୍ମୃତି ସଂସଦର ପ୍ରତିଷ୍ଠାତା ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ କୋଠଭୋଗଖିଆ ର କାଳଜୟୀ ସ୍ରଷ୍ଟା ଗୀତିକବି କ୍ଷୀରୋଦ ପୋଥାଳଙ୍କ ଅନୁଭୂତିର ସିଦ୍ଧସ୍ୱର ଓ ସ୍ୱାକ୍ଷର ଖୁବ୍ ସମୃଦ୍ଧ ବୋଲି ମତଦେଇଥିଲେ । ମୁଖ୍ୟବକ୍ତା ଭାବେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ବିଶିଷ୍ଟ ଅତିଥି ଭାବେ ନବପ୍ରଭାତ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ମାନଗୋବିନ୍ଦ ପଣ୍ଡା, ବରେଣ୍ୟ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶଶୀଭୂଷଣ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରି ପୋଥାଳଙ୍କ ବହୁମୁଖୀ ପ୍ରତିଭା ଯୁବସମାଜ ପ୍ରତି ବାସ୍ତବ ପ୍ରେରଣାର ଉତ୍ସ ହେବ ବୋଲି ମତଦେଇଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଜଗନ୍ନାଥ ଓ କ୍ଷୀରୋଦ ପୋଥାଳଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦଧ୍ୱନୀ ମଧ୍ୟରେ ସଂପନ୍ନ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବପ୍ରସାଦ କରଙ୍କ ଦ୍ୱାରା କୋଠଭୋଗଖିଆ ସଂଗୀତ ପରିବେଷଣ ଓ କୁନି ନୃତ୍ୟଶିଳ୍ପୀ ସୁଶ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଦାସଙ୍କ ନୃତ୍ୟ ପରିବେଷଣ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସ୍ମୃତି ସଂସଦର ଉପସଭାପତି କବି କୁଳମଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହସଂପାଦକ ସ୍ତମ୍ଭକାର ବିବେକାନନ୍ଦ ଦାସ ସମ୍ବର୍ଦ୍ଧନା ପର୍ବରେ ସହଯୋଗ କରିଥିଲେ । ଏହି ଅବସରରେ ମର୍ଯ୍ୟାଦାଜନକ କ୍ଷୀରୋଦ ପୋଥାଳ ସାରସ୍ୱତ ସମ୍ମାନ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀ ସଦସ୍ୟା ଡ. ବୈଜୟନ୍ତୀମାଳା ଶତପଥି, କ୍ଷୀରୋଦପୋଥାଳ ଗୀତିକବି ସମ୍ମାନ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, କ୍ଷୀରୋଦ ପୋଥାଳ ଶିକ୍ଷାରତ୍ନ ସମ୍ମାନ ଅଧ୍ୟାପକ ସୁଧୀର କୁମାର ଦାସ, କ୍ଷୀରୋଦ ପୋଥାଳ ସଂସ୍କୃତି ସୌରଭ ସମ୍ମାନ, ଶିକ୍ଷାବିତ୍ ଅକ୍ଷୟ କୁମାର ଷଡଙ୍ଗୀ, କ୍ଷୀରୋଦ ପୋଥାଳ ସାହିତ୍ୟ ସମ୍ମାନ, କବୟତ୍ରୀ ପ୍ରତିଭା ଦାସ, କ୍ଷୀରୋଦ ପୋଥାଳ ସ୍ମୃତି ସମ୍ମାନ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା । ସଂସଦର ବରିଷ୍ଠ ସଦସ୍ୟା ଶିକ୍ଷାବିତ୍ ବାସନ୍ତୀ ସାମଲଙ୍କ ଶ୍ରୀକୃଷ୍ଣ ମର୍ତ୍ତ୍ୟଲୀଳା ଓ ମହାଭାରତ ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମରେ ବିଜୟ କୁମାର ପରିଡା, ବୈକୁଣ୍ଠନାଥ ସାହୁ, ଆଦିତ୍ୟ ନାରାୟଣ ଷଡଙ୍ଗୀ, ସାମ୍ବାଦିକ ରତ୍ନାକର ବାରିକ, ଗୀତାଞ୍ଜଳୀ ନାୟକ, ସଂଗୀତଗୁରୁ ଯଶୋବନ୍ତ ଜେନା, ବାଣୀରଞ୍ଜନ ସାମଲ, ପ୍ରସନ୍ନ କୁମାର ଦାସ, ଆନନ୍ଦ ଆସ୍ତିକ ରାଉତରାୟ, ନଳିନୀକାନ୍ତ ସାମଲ, ମୁରଲୀଧର ପୃଷ୍ଟି, ପୁଷ୍ପଲତା ବେହେରା, ତାପସୀ କାଣ୍ଡି, ଲକ୍ଷ୍ମୀପ୍ରିୟା ବାରିକ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଉତ୍ସବରେ ଶତାଧିକ ଛାତ୍ର ଛାତ୍ରୀ, ବହୁବୁଦ୍ଧିଜୀବୀ, ସାରସ୍ୱତ କବି ଓ ଲେଖକ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ । ଶେଷରେ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ଦେବଯାନୀ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ ।




# ଫକିରାବାଦ ୟୁପି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ମନସୁର୍ ଅଲ୍ଲୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ଶିକ୍ଷକ ନେତା ତଥା କବି ହେମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡିଶା ଉର୍ଦ୍ଦୁ ବୋର୍ଡର ପୂର୍ବତନ ସଂପାଦକ ଡଃ. ସୟଦ୍ ଅତା ମୋହିଉଦ୍ଦିନ୍ ମୁଖ୍ୟ ବକ୍ତା, କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀ ଓ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ, ସ୍ୱତନ୍ତ୍ର ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ଦେବଦତ ଶତପଥୀ, ଅଲସ୍ତାର ସଭାପତି ଧନେଶ୍ୱର ପାତ୍ର, ଉତ୍କଳ ପ୍ରାଇମେରୀ ସ୍କୁଲର ଶିକ୍ଷକ ନେତା ଭ୍ରମର ବର ରାଉତ, ପୂର୍ବତନ ସ୍କୁଲ୍ ଇନିସ୍ପେକ୍ଟର କାଶୀନାଥ ରାଉତରାୟ, ମାର୍ଶାଘାଇର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଭାଗିରଥି ନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦୀର୍ଘ ୩୦ ବର୍ଷ ଧରି ପ୍ରଧାନ ଶିକ୍ଷକ ସେକ୍ ମନ୍‌ସୁର ଅଲ୍ଲୀ ଶିକ୍ଷାକୁ ଆପଣେଇ ନିରବଚ୍ଛିନ୍ନ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିବା ପ୍ରକାଶ କରିଥିଲେ। ଅବସର ନେଉଥିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ଅଲ୍ଲୀଙ୍କୁ ଛାତ୍ର/ଛାତ୍ରୀ, ଅଭିଭାବକ ଓ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉର୍ଦ୍ଦୁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ବରକତ୍ ଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଲେଖା କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭୂମି ଅଭିଲେଖ ବା ଜମି ରେକର୍ଡ ଓ ସର୍ଭେ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଓ.ଏ.ସ୍ ଏବଂ ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଅମିୟ କୁମାର ସାହୁ, ଓ.ଏ.ଏସ ଙ୍କ ଦ୍ୱାରା ଯୁଗ୍ମ କ୍ଷେତ୍ର ପରିଦର୍ଶନ ସହିତ ହାଇ -ଟେକ୍ ସର୍ଭେ ଅନ୍ତର୍ଗତ ଜମି ରେକର୍ଡ/ ଅଭିଲେଖ ପରିଚାଳନା କାର୍ଯ୍ୟର ଅଗ୍ରଗତିର ଜିଲ୍ଲା ସ୍ତରୀୟ ପର୍ଯ୍ୟାଲୋଚନା ବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହିକ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ବୈଠକ ନିମନ୍ତେ ନଳିନୀକାନ୍ତ ଜେନା, ଜିଓ ସ୍ପାଟିଏଲ୍ ପରିଚାଳକ ବା ଭୂ-ସ୍ଥାନିକ ପରିଚାଳକ, ନକ୍ସାଙ୍କ ସମେତ ନିଗମ ମହାନ୍ତି, ଆଇ.ଆଇ.ସି, ଏଜେନ୍ସିର ପରିଚାଳକ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜସ୍ୱ ଓ.ଏସ୍.ଡି ରଶ୍ମି ରଞ୍ଜନ ରାଉତ ସାମିଲ ହୋଇ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିଥିଲେ। ଗସ୍ତ ସୂଚୀ ଅନୁଯାୟୀ ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ବୀରମହାରାଜପୁର ଓ ଉଲୁଣ୍ଡା ତହସିଲ ର ହାଇଟେକ୍ ସର୍ଭେର ରେକର୍ଡ ପରିଚାଳନା କାର୍ଯ୍ୟ ର ଅଗ୍ରଗତି ଉପରେ ପର୍ଯ୍ୟାଲୋଚନା ବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ କ୍ଷେତ୍ରୀୟ ସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ଉପରେ ବିଶଦ ଭାବେ ଆଲୋଚିତ ହୋଇଥିଲା। ଏହି ସମୀକ୍ଷା ବୈଠକ ରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର,ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ, ବୀରମହାରାଜପୁର, ଶ୍ରୀ ସୁରେନ୍ଦ୍ର ମେହେର, ଜିଲ୍ଲା କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ,ଜ୍ୟୋତିର୍ମୟୀ ମଲ୍ଲିକ, ଉଭୟ ତହସିଲଦାର, ବୀରମହାରାଜପୁର ଓ ଉଲୁଣ୍ଡାଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିଥିଲେ। ସୋନପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଉପଖଣ୍ଡ ଅନ୍ତର୍ଗତ ଅବଶିଷ୍ଟ ୪ ଗୋଟି ତହସିଲ ଯଥା, ତରଭା, ସୋନପୁର, ବିନିକା ଓ ରାମପୁର ତହସିଲ ଗୁଡିକର ହାଇ ଟେକ୍ ସର୍ଭେ ର ଅଭିଲେଖ ପରିଚାଳନା କାର୍ଯ୍ୟ ର ଅଗ୍ରଗତି ଉପରେ ଉଭୟ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା କରାଯିବ ପାଇଁ ଗସ୍ତ ସୂଚୀ ରେ ସ୍ଥିରୀକୃତ ହୋଇଥିଲା ।

# 'ତୀକ୍ଷ୍ଣ ଦୃଷ୍ଟି'ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ଗୀତ ଗୋବିନ୍ଦ ସଦନରେ ସାପ୍ତାହିକ ସମ୍ବାଦପତ୍ର ' ତୀକ୍ଷ୍ଣ ଦୃଷ୍ଟି'ର ପ୍ରଥମ ସ୍ୱନକ୍ଷେତ୍ର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ସ୍ୱତନ୍ତ୍ର ଅତିଥି, ଇଞ୍ଜିନିୟର ତଥା ସାହିତ୍ୟିକ ଯାମିନୀ କାନ୍ତ ଦାସ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମ୍ବାଦପତ୍ର ଓ ସାମ୍ବାଦିକତା ଆଜିର ସମୟରେ କିଭଳି ସଂଘର୍ଷପୂର୍ଣ୍ଣ ସମୟ ଦେଇ ଗତି କରୁଛି ତାହା ଉପରେ ସେମାନଙ୍କ ବହୁମୂଲ୍ୟ ବକ୍ତବ୍ୟ ରଖିବା ସହିତ ସାମ୍ବାଦିକମାନେ ନିରପେକ୍ଷ ଭାବେ ତଥ୍ୟ ସମ୍ବଳିତ ଖବର ପ୍ରକାଶ କରିବା, ଗଣମାଧ୍ୟମ ପକ୍ଷଭୁକ୍ତ ନା ହୋଇ ସଠିକ ସମ୍ବାଦ ପରିବେଷଣ କଲେ ହିଁ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଢାଲି ମଧ୍ୟ ସମ୍ବାଦପତ୍ର ନିରପେକ୍ଷ ହେବା ସପକ୍ଷରେ ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରସାଦ ରାଓ କହିଲେ, ସମ୍ବାଦପତ୍ର ମାଲିକ ନିରପେକ୍ଷ ରହିଲେ ହିଁ ସାମ୍ବାଦିକମାନେ ପକ୍ଷଭୁକ୍ତ ନହୋଇ ସମ୍ବାଦ ପରିବେଷଣ କରିପାରିବେ। ସାମ୍ପ୍ରତିକ କ୍ଷେତ୍ରରେ ଦେଶର କୌଣସି ଗଣମାଧ୍ୟମ ଆଉ ନିରପେକ୍ଷ ହୋଇ ରହିନାହିଁ। ମାଲିକମାନେ ଯେତେବେଳେ ପକ୍ଷଭୁକ୍ତ ସାମ୍ବାଦିକମାନଙ୍କୁ କେମିତି ଦୋଷ ଦେବା ବୋଲି ସେ ପ୍ରଶ୍ନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୁଜ୍ଞାନ କୁମାର ଚୌଧୁରୀ ଏହି ସ୍ୱନକ୍ଷତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ 'ତୀକ୍ଷ୍ଣ ଦୃଷ୍ଟି'ର ସମ୍ପାଦକ ସନ୍ତୋଷ କୁମାର ସେନାପତି ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରଥିଲେ। କାଳୀ ସିଂହ ଆବାହକ ଭାବେ ସଭା ସଂଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ସୁନାମଧନ୍ୟ ଉପସ୍ଥାପିକା ଅନୁସୂୟା ସାହୁ ସୁନ୍ଦର ଭାବେ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଞ୍ଜାମର ବିଶିଷ୍ଟ ସମାଜସେବୀ ତଥା ଡ. ଏ.ପି.ଜେ. ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, କୁନି ନୃତ୍ୟ ଶିଳ୍ପୀ ସୁଶ୍ରୀ ଏସ୍. ମିନାକ୍ଷୀ, ଗଜପତି ଜିଲ୍ଲାର ସମାଜ ସେବୀ ମମତା ପାଢୀ, ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଗୋପାଳକୃଷ୍ଣ ଦାଶ, ତାଳଚେର ଆଇ ଲର୍ନ ପରିଚାଳକ ଶିକ୍ଷାବିତ୍ ଚିତ୍ତରଞ୍ଜନ ପାଣି, ପାଓ୍ୱାର ଲିଫ୍ଟର ଗୀତାଞ୍ଜଳୀ ନାୟକ, ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ମହାପାତ୍ର, କ୍ୟାନରୟୋଲୋଜିର ଡକ୍ଟର ପଲ୍ଲବୀ ପଟ୍ଟନାୟକ , ମୁକ୍ତ କଲମ'ର ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଲୁଘାଟ ଏମଆରଏଫସିରେ ପ୍ଲାଷ୍ଟିକ୍ ବର୍ଜ୍ୟ: ଏସଓପି ନେଇ ପ୍ରଶିକ୍ଷଣ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ମହାନଗର ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା, ରାଉରକେଲା ର ମିଳିତ ଆନୁକୂଲ୍ୟରେ ବାଲୁଘାଟ ସ୍ଥିତ ମ୍ୟାଟେରିଆଲ୍ ରିକଭରୀ ଫେସିଲିଟି ସେଣ୍ଟରରେ "ପ୍ଲାଷ୍ଟିକ୍ ବର୍ଜ୍ୟର ମୂଲ୍ୟାଙ୍କନ ଓ ପୃଥକୀକରଣ ନିର୍ଦ୍ଧାରଣ ପାଇଁ ମାନକ ପରିଚାଳନା ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଆରଏମସି ର ଡେପୁଟି କମିଶନର ଶ୍ରୀମତୀ ଅନିତା ନାୟକ ଯୋଗ ଦେଇ ସ୍ଥିତି ଅନୁଧ୍ୟାନ କରିଥିଲେ ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ ମଲ୍ଲିକ କହିଛନ୍ତି ଯେ, "ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ୨୦୧୬ ଓ ସଂଶୋଧନ ୨୦୨୫ ଅନୁଯାୟୀ ପ୍ରତି ବର୍ଜ୍ୟ ପ୍ରକ୍ରିୟାକରଣ କୁ ଆସୁଥିବା ପ୍ଲାଷ୍ଟିକର ବୈଜ୍ଞାନିକ ମୂଲ୍ୟାଙ୍କନ ଓ ପୃଥକିକରଣ ବାଧ୍ୟତାମୂଳକ। ଏହି ସହରର ପ୍ଲାଷ୍ଟିକ୍ ବର୍ଜ୍ୟର ପ୍ରକାର, ପରିମାଣ ଓ ଉତ୍ସ ବିଷୟରେ ସଠିକ୍ ଡାଟା ମିଳି ମିଳିବ । ପ୍ରଶିକ୍ଷଣର ମୁଖ୍ୟ ଦିଗ ହେଲା କ୍ୱାର୍ଟରିଂ ପଦ୍ଧତିରେ ୧୨୦ କେଜି ନମୁନା ନେବା ଓ ତାହାକୁ ପୃଥକୀକରଣ କରିବା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ଅଲଗା କରିବା ପ୍ରତି ଶ୍ରେଣୀର ଓଜନ ପ୍ରତିଶତ ବାହାର କରି ଡାଟାସିଟ୍ ରେ ଲିପିବଦ୍ଧ କରିବା । ଯାହାଦ୍ୱାରା କେନ୍ଦ୍ର ର କର୍ମଚାରୀ ମାନେ ବ୍ୟବହାରିକ ଅଭ୍ୟାସ ଜାରି ରଖି ପାରିବେ "ଏହି ଡାଟା ମାସିକ ରିପୋର୍ଟ ଆକାରରେ ଏସପିସିବି ଏବଂ ଇପିଆର ପୋର୍ଟାଲକୁ ଯାଇପାରିବ । ଏହା ଦ୍ୱାରା ରାଉରକେଲାରେ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଓ କୋ-ପ୍ରୋସେସିଂ ପାଇଁ ଠିକ୍ ଯୋଜନା ହୋଇପାରିବ। ଏସପିସିବି ର ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ ଏହି ତାଲିମ ଶିବିର ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ଅନ୍ୟତମ ଉପ ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ରଶେଖର ଚୌହ୍ୱାନ ଓ ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି ଉପସ୍ଥିତ ରହି ପ୍ରକ୍ରିୟାକରଣ ଓ ଡାଟା ନିର୍ଧାରଣ କରିଥିଲେ ଶିବିରରେ ୨୫ ଜଣ ସ୍ୱଚ୍ଛତା କର୍ମୀ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ପାଇଁ ସମସ୍ତ ପ୍ରତିଭାଗୀ ନିୟମିତ ଗ୍ଲୋଭସ୍, ମାସ୍କ ଓ ଆପ୍ରୋନ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଆଗାମୀ ମାସରୁ ବାଲୁଘାଟ କେନ୍ଦ୍ର ରେ ଏହି ଏସଓପି ଅନୁଯାୟୀ ଦୈନିକ ଡାଟା ରେକର୍ଡିଂ ଆରମ୍ଭ ହୋଇପାରିବ।



# ମାଦକ ଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚାଲାଣ ବିରୋଧରେ ପଦକ୍ଷେପ

**ରାଉରକେଲା-, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଭାରତର ପରିଚୟ ଥିମ୍‌କୁ ଆଧାର କରି ପାନପୋଷ ଉପଖଣ୍ଡରେ ଆନ୍ତର୍ଜାତୀୟ ମାଦକଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ-୨୦୨୬ ଉତ୍ସାହପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉଦିତ୍ ନଗର ହାଇସ୍କୁଲ ରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ, ଉଦିତ ନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଶାଖାର କର୍ମଚାରୀମାନେ କାର୍ଯ୍ୟକ୍ରମର ସୁଚାରୁ ଆୟୋଜନରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ଏଥିସହିତ ଦିଶା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରବନ୍ଧ ଲେଖନ ଓ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଏହି ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିଥିଲେ। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାର ଆରମ୍ଭରେ ଶ୍ରୀମତୀ ତାଣ୍ଡିଆ ସଭାର ଶୁଭାରମ୍ଭ କରିଥିଲେ। ପରେ ତାଣ୍ଡିଆ ନିଶାଦ୍ରବ୍ୟ ଦୁର୍ବ୍ୟବହାରର ଗୁରୁତର କୁପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଧ୍ୱଂସାତ୍ମକ ପରିଣାମ ଏବଂ ଏକ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ସମ୍ପର୍କରେ ସବିସ୍ତାର ଆଲୋକପାତ କରିଥିଲେ। ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ ମାଦକଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ପ୍ରଚାରର ଭୟାବହ ପ୍ରଭାବ ଉପରେ ଜୋର ଦେଇ ସମାଜର ସଂଯୁକ୍ତ ଦାୟିତ୍ୱ ମାଧ୍ୟମରେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ। ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ବିରୋଧରେ ସଚେତନ ରହିବା ସହ ସମାଜରେ ସଚେତନତା ବିସ୍ତାର କରିବାକୁ ପ୍ରେରିତ କରିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ଚାନ୍ଦିନୀ ନିଶାଦ୍ରବ୍ୟ ସେବନର ହାନିକାରକ ପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଗଭୀର ନକାରାତ୍ମକ ପ୍ରଭାବ ଏବଂ ଅବୈଧ ପ୍ରଚାର ନିୟନ୍ତ୍ରଣରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତ ଗଠନର ଦୃଢ଼ ଭିତ୍ତିସ୍ତମ୍ଭ। କାର୍ଯ୍ୟକ୍ରମର ସମାପନ ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇ ସଭାର ଶୁଭସମାପନ ଘୋଷଣା କରିଥିଲେ।







# ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ:ପ୍ରଶାସନର ଦୃଷ୍ଟି ପଡୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବଡବନ୍ଧ ମୁଖ୍ୟ ରାସ୍ତାରୁ ପ୍ରାୟ ୧ କିଲୋମିଟର ଦୂରରେ ଥିବା ଆଦର୍ଶ ବିଦ୍ୟାଳୟ, ମଣିପୁରକୁ ସଂଯୋଗ କରୁଥିବା କଚ୍ଚା ରାସ୍ତା ବର୍ଷା ଦିନେ ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମି ରହୁଥିବାରୁ ଛାତ୍ରଛାତ୍ରୀମାନେ ଯାତାୟାତ ବେଳେ ବହୁ ଅସୁବିଧାର ସାମ୍ନା କରୁଛନ୍ତି । କେହି କେହି ରାସ୍ତାରେ ଖସିପଡୁଥିବାବେଳେ ଆଉ କେହି ରାସ୍ତାର ଖାଲଖମା ଜାଣିନପାରି ସାଇକେଲରୁ ଖସିପଡି ଖଣ୍ଡିଆ ଖାବରା ହେଉଛନ୍ତି। ସୂଚନା ଅନୁଯାୟୀ, ୨୦୧୫ ମସିହାରୁ ସ୍ଥାପିତ ଏହି ଆଦର୍ଶ ବିଦ୍ୟାଳୟକୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ



ଓ କର୍ମଚାରୀ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ମାତ୍ର ବର୍ଷା ଆରମ୍ଭ ହେଲେ ରାସ୍ତାର ଅବସ୍ଥା ଏପରି ଶୋଚନୀୟ ହୋଇଯାଉଛି ଯେ, ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ମଧ୍ୟରେ ଲୋକମାନେ ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବାରେ ମଧ୍ୟ ବିଳମ୍ବ ଘଟୁଛି। ବର୍ଷା ବଢ଼ିଲେ ପରିସ୍ଥିତି ଆହୁରି ସଙ୍କଟଜନକ ହେବାର ସମ୍ଭାବନା ରହିଛି। ତେଣୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାର ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ:୫ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଡକାୟତି ମାମଲା ପଣ୍ଡ କରିଛି ଜୟପୁର ଟାଉନ୍ ପୋଲିସ। ଏହି ମାମଲାରେ ୫ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଦଲ ନାଗ, ଶିବ ନାୟକ, ହରି ନାୟକ, ଟୁଲୁ ଖୋସଲା, ଫିରୋଜ ନାଗ । ଏନେଇ ଜୟପୁର ଟାଉନ୍ ଥାନାରେ ଏସ୍‌ଡିପିଓ ଅର୍ଚ୍ଚିତା ମିତଲ ଉପସ୍ଥିତ ରହି ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାଇ ବିଳମ୍ବିତ ରାତ୍ରରେ ୫ଜଣ ଅଭିଯୁକ୍ତ ଯମୁନାଗୁଡା ନିକଟସ୍ଥ ଫରେଷ୍ଟ ତାଲିମ୍ କେନ୍ଦ୍ର ପରିସରରେ ମାରାଣାସ୍ତ୍ର ଧରି ଡକାୟତି ଉଦ୍ୟମ କରୁଛନ୍ତି । ପୋଲିସ ସୂଚନା ଆଧାରରେ ଚଢଉ କରିଛି । ଚଢଉ କରି ୫ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ମାରଣାସ୍ତ୍ର, ଲଙ୍କାଗୁଣ୍ଡ, ଖଣ୍ଡା, ଲୁହା ରଡ, ଖାଲି ମଦ ବୋତଲ, ଟର୍ଚ୍ଚ ଲାଇଟ୍ ଜବତ କରିଛି । ଅଭିଯୁକ୍ତମାନେ ବଡ ଧରଣର ଡକାୟତି ପାଇଁ ଯୋଜନା କରିଥିଲେ। ପୋଲିସ ଚଢଉ କରି ପଣ୍ଡ କରିଥିଲା । ଗିରଫ ଅଭିଯୁକ୍ତ ବାଦଲ ନାଗ ନାମରେ ୩୩ଟି ଅପରାଧିକ ମାମଲା ରହିଥିବା ବେଳେ ଶିବ ନାୟନ ନାମରେ ୧୦ଟି, ହରି ନାୟକ ନାମରେ ୭ଟି, ଟୁଲୁ ଖୋସଲା ନାମରେ ୫ଟି, ଫରୋଜ ନାଗ ନାମରେ ୨ଟି ଅପରାଧିକ ମାମଲା ରହିଛି । ଏନେଇ ୫ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ସାମ୍ବାଦିକ ସମ୍ମିଳନିରେ ଟାଉନ୍ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

# ତିନି ମୁହାଣି-ଇଚ୍ଛାପୁର ରାସ୍ତା ଅବସ୍ଥା ଶୋଚନୀୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହରର ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଅନେକ ସ୍ଥାନରେ ବଡ ବଡ ଖାଲ ହୋଇଯାଇଛି। ବର୍ଷା ସମୟରେ ଯାତାୟାତ କରୁଥିବା ଗାଡିଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷାଦିନ ଥିବାରୁ ରାସ୍ତାଗୁଡିକ ଆହୁରି ଶୋଚନୀୟ ହୋଇପଡିବ। ରାସ୍ତାର କେତେକ ସ୍ଥାନରେ ଏକ ଫୁଟ୍ ଖାଲ ଥିବାରୁ ମୋଟର ସାଇକେଲ୍ ଚାଳକମାନ ବର୍ଷା ସମୟରେ ଜାଣିନପାରିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅଣଓସାରିଆ ରାସ୍ତା ସହିତ ରାସ୍ତା ଶୋଚନୀୟ ହୋଇଥିବାରୁ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



# ପ୍ରସିଦ୍ଧ ଲାଙ୍ଗୁଡ଼ି ପାହାଡ଼ ଉପରେ ମାଫିଆଙ୍କ ନଜର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅନ୍ତର୍ଗତ ପ୍ରସିଦ୍ଧ ଲାଙ୍ଗୁଡ଼ି ବୌଦ୍ଧ ବିହାର ପାହାଡ଼ରୁ ବେଆଇନ୍ ମୋରମ ଲୁଟ୍ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। ବୌଦ୍ଧ କିର୍ତ୍ତୀରାଜି ଥିବା ଏହି ପାହାଡ଼ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା ହୋଇ ତାରବାଡ଼ ଦିଆଯାଇ ସରଂକ୍ଷିତ ରଖାଯାଇଛି। ମାଫିଆ ଗୋଷ୍ଠୀ ଏବେ ଧର୍ମଶାଳାରେ ଏତେ ସକ୍ରିୟ ଯେ ଯିଏ ଯେଉଁଠି ପାଇଲା ଖୋଳି ଲୁଟି ଚାଲିଛନ୍ତି। ରାଜନୀତିକ ଓ ପ୍ରଶାସନିକ ସହାୟତା ମିଳୁଥିବାରୁ ସେମାନେ ମନଇଚ୍ଛା କଳାପଥର, ବାଲି, ମାଟି, ମୋରମ ଲୁଟୁଛନ୍ତି। ତୁରନ୍ତ ଲାଙ୍ଗୁଡ଼ି ପାହାଡ଼ରୁ ମୋରମ୍ ଲୁଟ୍ ବନ୍ଦ କରିବାକୁ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହେଉଛି।



# ଗୋଡ଼ ଖସି ଶିଶୁ ପୁତ୍ର ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ଗ୍ରାମରେ ଜଣେ ଶିଶୁ ପୁତ୍ରର ଗୋଡ ଖସି ମୃତ୍ୟୁବରଣ କରିଛି । ଏନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି । ୨ ବର୍ଷ ଶିଶୁ ପୁତ୍ର ଘରେ ଖେଳୁଥିବା ବେଳେ ଗୋଡ ଖଲିଯାଇଥିଲା । ସେ ଗୁରୁତର ହୋଇପଡିଥିଲା । ଶିଶୁ ପୁତ୍ରକୁ ପ୍ରଥମେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସ୍ଥିତ ଶହିଦ ଲକ୍ଷଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶିଶୁ ପୁତ୍ରଟିର ମୃତ୍ୟୁ ହୋଇଛି । ଏନେଇ ଜୟପୁର ସଦର ଥାନାରେ ମୃତ ଶିଶୁ ପୁତ୍ରର ବାପା କର୍ଣ୍ଣ ମାଳି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।




# ମୁଖ୍ୟ ରାସ୍ତା ପାର୍ଶ୍ୱ ୩ ଦୋକାନରୁ ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଲୁଟ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ମୁଖ୍ୟ ରାସ୍ତାରେ ଥିବା ତିନୋଟି ଦୋକାନରେ ଗତ ରାତିରେ ଦୁର୍ବୃତ୍ତମାନେ ଦୁଃସାହସିକ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପ୍ରାୟ ୧ ଲକ୍ଷ ୯୨ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ସକାଳେ ଦୋକାନ ଖୋଲିବାକୁ ଆସି ବ୍ୟବସାୟୀମାନେ ତାଲା ଓ ସଟର ଭଙ୍ଗା ଦେଖି ପୋଲିସକୁ ଖବର ଦେଇଥିଲେ। ସୂଚନା ଅନୁଯାୟୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନିକଟରେ ଥିବା ଦୀପକ ମେସିନାରୀ ଦୋକାନରୁ ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କା, ଅମରେନ୍ଦ୍ର ମେଡିସିନ୍ ଷ୍ଟୋର୍‌ରୁ ୩୨ ହଜାର ଟଙ୍କା ନଗଦ ଚୋରି ହୋଇଥିବା ବେଳେ କାଳାଚାନ୍ଦ ରାୟଙ୍କ ଗୋଦାମ୍‌ର ପଛପଟ ସଟର୍ ଭାଙ୍ଗି କିଛି ସାମଗ୍ରୀ ନେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ରାଇଘର ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଛି। ଏହି କ୍ରମାଗତ ଚୋରି ଘଟଣାକୁ ନେଇ ବଜାରର ବ୍ୟବସାୟୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଛି। ବ୍ୟବସାୟୀମାନେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଶୀଘ୍ର ଗିରଫ କରି କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

# ଭିନ୍ନକ୍ଷମମାନଙ୍କ ସଫଳତାର କାହାଣୀକୁ ନେଇ ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ "ସାମର୍ଥ୍ୟ-୨୦୨୬" ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଆୟୋଜନ କରାଯାଉଛି। ପ୍ରତ୍ୟେକ କ୍ଷୁଦ୍ର ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ମଧ୍ୟରେ ରହିବ। ଚଳିତ ବର୍ଷ ଉତ୍ସବର ବିଷୟ ରହିଛି- "ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ"। ଏହି ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ୍ ବିଶେଷଜ୍ଞ ମାନେ ଉପସ୍ଥିତ ଥିଲେ। ଉତ୍ସବଟିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍‌କୁ ଦାୟିତ୍ୱ ଦିଆଯାଇଛି । ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଏହି ଉତ୍ସବରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ କରାଯାଇଛି। ଅଂଶଗ୍ରହଣକାରୀମାନଙ୍କୁ ତିନୋଟି ମୁଖ୍ୟ ବିଷୟ ଉପରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ପ୍ରଥମତଃ, କ୍ଷୁଦ୍ର ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ ଉପରେ ଆଧାରିତ ହେବା ଆବଶ୍ୟକ। ଦ୍ୱିତୀୟତଃ, ଚଳଚ୍ଚିତ୍ରରେ ଅଡିଓ ଡିସ୍କ୍ରିପ୍ସନ୍ ରହିବା ଆବଶ୍ୟକ। ତୃତୀୟତଃ, ସାଙ୍କେତିକ ଭାଷା ବ୍ୟାଖ୍ୟା ସହିତ ସବ୍‌ଟାଇଟଲ୍ କିମ୍ବା କ୍ଲୋଜ୍ କ୍ୟାପ୍ସନ୍ ଅନିବାର୍ଯ୍ୟ ରହିବ। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ବିସ୍ତୃତ ସୂଚନା ପାଇଁ ଡବ୍ଲୁଡବ୍ଲୁଡବ୍ଲୁ.ସର୍ଟଫିଲ୍ମଫେଷ୍ଟଓଡ଼ିଶା.ଇନ୍ ପରିଦର୍ଶନ କରିପାରିବେ ଏବଂ ଆସନ୍ତା ୭ ଜୁଲାଇ ୨୦୨୬ ସୁଦ୍ଧା ନିଜର ଏଣ୍ଟ୍ରି ପଠାଇପାରିବେ। ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇ ୨୦୨୬ରେ ମୂଲ୍ୟାୟନ କରିବେ ଏବଂ ଆସନ୍ତା ୧୧ ଜୁଲାଇ ୨୦୨୬ରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକୁ ଉତ୍ସବରେ ପ୍ରଦର୍ଶିତ କରାଯିବ ଏବଂ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କୃତ କରାଯିବ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। "ସାମର୍ଥ୍ୟ-୨୦୨୬" ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅସାଧାରଣ ପ୍ରତିଭା, ସାମର୍ଥ୍ୟ ଓ ସଫଳତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ସହିତ ଭିନ୍ନକ୍ଷମତା ପ୍ରତି ସଚେତନତା, ଅନ୍ତର୍ଭୁକ୍ତିକରଣ ଓ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଉତ୍ସବର ମୂଳ ଲକ୍ଷ୍ୟ।

# କଟକ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ସିଏମ୍‌ସି ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ପବିତ୍ର ରଥଯାତ୍ରାକୁ ସୁରକ୍ଷିତ, ସୁଶୃଙ୍ଖଳ ଏବଂ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ ଓ କଟକ ମହାନଗର ନିଗମର କମିଶନର ସ୍ଥାନୀୟ କର୍ପୋରେଟରମାନେ, ସ୍ଥାନୀୟ ପୂଜା କମିଟି ମେମ୍ବର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରଥଯାତ୍ରା ଆୟୋଜନ ସ୍ଥଳ ଓ ପାରିପାର୍ଶ୍ୱିକ ଅଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତିର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ରଥଯାତ୍ରା ମାର୍ଗର ରାସ୍ତାଘାଟର ଅବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ବର୍ଷାଜଳ ନିଷ୍କାସନ, ବ୍ୟାରିକେଡିଂ, ଟ୍ରାଫିକ୍ ପରିଚାଳନା, ଅଗ୍ନିଶମ ଓ ଜରୁରୀକାଳୀନ ସେବା, ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ସମେତ ସମସ୍ତ ମୌଳିକ ବ୍ୟବସ୍ଥାର ଟିକିନିଖି ଯାଞ୍ଚ କରାଯାଇଥିଲା। ମେୟର ସୁବାସ ଚନ୍ଦ୍ର ସିଂହ କହିଥିଲେ ଯେ, ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ କଟକ ସହରର ଗୌରବ ଓ



ପରମ୍ପରାର ପ୍ରତୀକ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ସହ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବନାହିଁ। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କମିଶନର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଶିଷ୍ଟ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରିବା, ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ପାନୀୟ ଜଳ ଓ ବିଦ୍ୟୁତ୍ ସେବାରେ କୌଣସି ବ୍ୟାଘାତ ନଘଟିବା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଟିମ୍‌କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟରମାନେ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ଥଳରେ ହିଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମ ପକ୍ଷରୁ ରଥଯାତ୍ରାର ସମସ୍ତ ପ୍ରସ୍ତୁତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଥିବା ବେଳେ, ସହରବାସୀ ଓ ଭକ୍ତମାନଙ୍କ ସହଯୋଗରେ ଏହି ମହାନ୍ ପର୍ବକୁ ସୁରକ୍ଷିତ, ସୁଶୃଙ୍ଖଳ ଓ ସଫଳତାର ସହିତ ସମ୍ପନ୍ନ କରିବାକୁ ମହାନଗର ନିଗମ ଆଶା ପ୍ରକାଶ କରିଛି।

# ଗୋପାଳପୁର ବେଳାଭୂମି ବିକାଶ ପ୍ରକଳ୍ପକୁ ମିଳିଲା 'ସିଆର୍‌ଜେଡ୍' ଅନୁମୋଦନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ବେଳାଭୂମିର ଉନ୍ନତିକରଣ ପ୍ରକଳ୍ପକୁ ଇତି ମଧ୍ୟରେ ମିଳିଛି ପରିବେଶ ସୁରକ୍ଷା ଆଇନ୍ ୧୯୮୬ ଅନୁଯାୟୀ ସିଆର୍‌ଜେଡ୍ ବା କୋଷ୍ଟାଲ୍ ରେଗୁଲେସନ୍ ଜୋନ୍ ଅନୁମୋଦନ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପକୁ ପୂର୍ବରୁ ଅର୍ଥାତ୍ ପୂର୍ବ ସରକାର ଅମଳରେ ୨୦୨୩ ମସିହାରେ ପ୍ରଶାସନିକ ଅନୁମୋଦନ ସହିତ ୮ କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଥିଲା। ତେବେ ବିଭିନ୍ନ କାରଣରୁ ତାହା ବିନିଯୋଗ ନହୋଇ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରହିଥିଲା । ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଦୁଇଟି ପ୍ରକଳ୍ପ ପାଇଁ ଅତିରିକ୍ତ ୨୪ କୋଟି ଟଙ୍କାର ଆର୍ଥିକ ଅନୁମୋଦନ ଦେବା ପରେ ପ୍ରକଳ୍ପରେ ମୋଟ୍ ୩୨ କୋଟି ବିନିଯୋଗ କରାଯିବ । ତେବେ ଏଥିରେ ସିଆର୍‌ଜେଡ୍ ଅନୁମୋଦନର ଆବଶ୍ୟକତା ଥିଲା। ଯାହା ବର୍ତ୍ତମାନ ଅର୍ଥାତ୍ ଗତ ଏପ୍ରିଲ୍ ୩୦ ତାରିଖରେ ଗୋପାଳପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଯାହାକୁ ଗତ କମିଟି ଅନୁମୋଦନ ପ୍ରଦାନ କରିଥିବା ନେଇ ଓଡ଼ିଶା କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ୍ ଅଥରିଟି ପକ୍ଷରୁ ଗତ ୨୨ ତାରିଖରେ ବିଇଡ଼ିଏକୁ ଆସିଥିବା ଚିଠିରୁ ସ୍ପଷ୍ଟ ହୋଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରକଳ୍ପକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡ଼ିଏ ପକ୍ଷରୁ କରାଯିବାକୁ ଥିବାବେଳେ ଏନେଇ ଟେଣ୍ଡର ହୋଇସାରିଛି । ବ୍ରହ୍ମପୁରର ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି । ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରି ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ତତ୍‌କାଳୀନ ନବୀନ ସରକାର ଲକ୍ଷ୍ୟ ରଖିଥିଲେ। ପ୍ରସ୍ତାବିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ପ୍ରଥମରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ୍, ପାର୍କିଂ ସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ୱାଚ୍ ଟାୱାର, ପର୍ଯ୍ୟଟକଙ୍କ ପାଇଁ ଖୋଲାରେ ବସିବା ପାଇଁ ଚୌକିର ବ୍ୟବସ୍ଥା, ଡଷ୍ଟବିନ୍, ଶୌଚାଳୟ, ଭୂତଳ ପାଣିଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସୁଦୃଢ଼ୀକରଣ ସହିତ ସୁରକ୍ଷା ଦୃଷ୍ଟିକୋଣରୁ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା ଆଦିର ବ୍ୟବସ୍ଥା ଯୋଜନା ରହିଛି। ଏଥିପାଇଁ ମୋଟ୍ ୮ କୋଟି ୯ ଲକ୍ଷ ଟଙ୍କାର ବ୍ୟୟ କରାଯିବ । ସେହିଭଳି ଦ୍ୱିତୀୟ ପ୍ରକଳ୍ପ ପାଇଁ ୨୪ କୋଟି ଟଙ୍କାର ଆର୍ଥିକ ମଞ୍ଜୁର ମିଳିଛି । ଏଥିରେ ପାନ୍ଥ ନିବାସ ପଛ ଭାଗରେ ଇକୋ ରିଟ୍ରିଟ୍ ଠାରୁ ହରିପୁର ଜେଟି ପର୍ଯ୍ୟନ୍ତ ପ୍ରାୟ ୨.୩ କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରଣ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର କାଫିର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲାରାସ୍ତା ଓ ସାଇକେଲ୍ ଟ୍ରାକ୍ ସହିତ ୧୦୦ଟି ଭ୍ରାମ୍ୟମାଣ ଦୋକାନର ମଧ୍ୟ ବ୍ୟବସ୍ଥା ରହିବ। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ୍ କାମ ପାଇଁ ୨୫ କୋଟି ୩୦ ଲକ୍ଷ ଏବଂ ଇଲେକ୍ଟ୍ରିକ୍ କାର୍ଯ୍ୟ ପାଇଁ ୨ କୋଟି ୩୮ ଲକ୍ଷ ଏବଂ ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ୧ କୋଟି ୧୯ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ଜଣାପଡ଼ିଛି । ଗୋପାଳପୁର ବେଳାଭୂମିର ଉନ୍ନତି ହେଲେ ଏଠାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେବ ଏବଂ ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ଆଶା କରାଯାଇଛି । ଗୋପାଳପୁର ବେଳାଭୂମିର ଉନ୍ନତିକରଣ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଥିବା ବେଳେ ଏହାକୁ ଯୁଦ୍ଧକାଳୀନ ଭିତିରେ କରି ୯ ମାସ ମଧ୍ୟରେ ଅର୍ଥାତ୍ ୨୦୨୭ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୫।୦୭।୨୦୨୬, ଆଷାଢ଼ ଦ୨୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୪୧ ଚନ୍ଦ୍ରୋଦୟ- ରାଘ ୧୦।୧୧।୨୩**

ପଞ୍ଚମୀ ଦିଘ ୧।୩୩ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ଦିଘ ୩।୧୫ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୧।୩୩ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୩ ଗତେ ଦିଘ ୯।୪୧ ମଧ୍ୟେ। ଦିଘ ୧।୩୦ ଗତେ ଦିଘ ୨।୫୬ ମଧ୍ୟେ । **ପର୍ବୋତ୍ସବ-** ଅଣସର ପଞ୍ଚମୀ।



**ମେଷ:** ଶୁଭ ସମାଚାର ମିଳିପାରେ। ସତ୍ କାର୍ଯ୍ୟରେ ଲିପ୍ତ ରହିବେ। ଆୟରେ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଶୁଭ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନ ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ସମସ୍ତ କାର୍ଯ୍ୟ ଆପଣଙ୍କର ବିଳମ୍ବରେ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ ।



**କର୍କଟ:** ପ୍ରତ୍ୟେକ କାର୍ଯ୍ୟରେ ଚଞ୍ଚଳତା ଦେଖାଦେବ। କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଆୟର ପରିମାଣ ବଢ଼ିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ମହିଳାମାନେ ଅଳସୁଆମୀ ହେବେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ଧର୍ମ କାର୍ଯ୍ୟରେ ଯୋଗଦେଇ ଖୁସି ହେବେ। ଉତ୍ତମ ଭୋଜନରେ ଆପ୍ୟାୟତ ହେବେ। ଆୟ ସ୍ଥିର ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ତୁଳା:** ଆୟର ପରିମାଣ ବଢ଼ିବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଶରୀର ସୁସ୍ଥ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ମହିଳାମାନେ ସୁଖୀ ହେବେ । ଭ୍ରମଣ ଯୋଗ ରହିଛି ।



**ବିଛା:** ଆର୍ଥିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ସତର୍କ ନହେଲେ ଠକାମିର ଶିକାର ହୋଇପାରନ୍ତି। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଶୁଭ ଖବର ପାଇ ଆନନ୍ଦିତ ହେବେ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ଧନୁ:** ଦେବ ଦର୍ଶନ ସହିତ ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ଯୋଗ ରହୁଛି। ପାରିବାରିକ ଶାନ୍ତି ପ୍ରାପ୍ତ ହେବ । ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ ।



**ମକର:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଗୃହେ ଆନନ୍ଦ ଦେଖାଦେବ। ଆୟ ମଧ୍ୟମ ଧରଣର ହେବ। ନୂତନ ବନ୍ଧୁ ଦର୍ଶନର ସୁଯୋଗ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଲାଭ କରିବେ ।



**ମୀନ:** ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ବ୍ୟୟର ମାତ୍ରା ଅଧିକ ହେବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ ।

# ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ସଂଶୋଧିତ ପାଠ୍ୟପୁସ୍ତକ ନିମନ୍ତେ ଲୋକଙ୍କ ମତାମତ ଲୋଡ଼ିଲା ବିଭାଗ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ସଂଶୋଧିତ ପାଠ୍ୟ ପୁସ୍ତକ ପାଇଁ ଲୋକଙ୍କ ମତାମତ ଲୋଡିଲା ବିଭାଗ। ଏନେଇ ବିଭାଗ ପକ୍ଷରୁ କୁହାଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟ ପୁସ୍ତକ ଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଓସେପାର ୱେବ୍‌ସାଇଟ୍‌ରେ ଦିଆଯାଇଛି। ପୁସ୍ତକ ଗୁଡିକ ସମ୍ବନ୍ଧରେ ଜନସାଧାରଣଙ୍କ ସୁଚିନ୍ତିତ ମତାମତ ଦିଆଯାଇଥିବା ଇମେଲ୍ ଆଇଡି କିମ୍ବା ବିଦ୍ୟା ସମୀକ୍ଷା କେନ୍ଦ୍ରର ହେଲ୍ପ ଲାଇନ୍ ନମ୍ବରରେ ସାତଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୦୭।୨୦୨୬, ଆଷାଢ଼ ଦ୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୫୯ ଚନ୍ଦ୍ରୋଦୟ- ରାଘ ୧୦।୪୫।୩୩**

ଷଷ୍ଠୀ ଦିଘ ୧।୪୯ ପର୍ଯ୍ୟନ୍ତ। **ପୂର୍ବାଭାଦ୍ର ନକ୍ଷତ୍ର-** ଦିଘ ୪।୦୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୯।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, ମୀନ ରାଶିର । ଦିଘ ୯।୫୮ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୯।୧୧ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୪୯ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଦିଘ ୧୦।୩୪ ମଧ୍ୟେ। **ପର୍ବୋତ୍ସବ-** ଶରଣ ଶେଷ।

32 YEARS
ସମ୍ବାଦ କଳିକା

## ଗରମରୁ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ଅଣାୟତ୍ତ

ୟୁରୋପରେ ଗରମରୁ ଯେମିତି କୌଣସି ମୁକ୍ତି ପାଇବାର ଆଶା ନାହିଁ। ପ୍ରବଳ ଗରମ ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଫ୍ରାନ୍ସରେ ଜୁନ୍ ମାସର ଶେଷ ସପ୍ତାହରେ ହିଟୱେଭ୍ ୨୦୨୫ରୁ ଅଧିକ ଲୋକଙ୍କ ଜୀବନ ନେଇଛି। ଶବଦାହ ପାଇଁ ମିଳୁନି ସ୍ଥାନ। ସେଠାର ସ୍ୱାସ୍ଥ୍ୟ ମନ୍ତ୍ରୀ ଷ୍ଟେଫନି ରିଷ୍ଟ ମଧ୍ୟ ଏ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦିନରେ ଏହି ଗରମରୁ ମୁକ୍ତି ପାଇବାର କୌଣସି ଆଶା ନାହିଁ। ଏହାସହ, ଏହା ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇପାରେ। ଗରମ ଯୋଗୁଁ ଏତେ ମୃତ୍ୟୁ ଘଟିଛି ଯେ ଅନ୍ତିମ ସଂସ୍କାର ମଧ୍ୟ କଷ୍ଟକର ହୋଇ ପଡୁଛି। ଫରାସୀ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏ ବିଷୟରେ ସତର୍କ କରାଇ ଦେଇଛି। ଏହା ପୂର୍ବରୁ, ଅଗଷ୍ଟ ୨୦୦୩ ମସିହାରେ ଏମିତି ଘଟିଥିଲା, ଫ୍ରାନ୍ସରେ ଏପରି ଗରମ ଅନୁଭୂତ ହୋଇଥିଲା। ଫ୍ରାନ୍ସରେ ଗତ ମାସରେ ରେକର୍ଡ ଭାଙ୍ଗିଥିବା ଗରମର ସମୟ, ସବୁଠୁ ଗରମ ସପ୍ତାହ ବେଳେ ମୃତ୍ୟୁ ସଂଖ୍ୟାରେ ପ୍ରାୟ ଏକ ତୃତୀୟାଂଶ ବୃଦ୍ଧି ପାଇଛି। ସାର୍ବଜନୀନ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ପବ୍ଲିକ୍ ହେଲଥ୍ ଫ୍ରାନ୍ସ, ଶୁକ୍ରବାର ଏହି ସୂଚନା ଦେଇଛି। କର୍ତ୍ତୃପକ୍ଷର ନୂଆ ତଥ୍ୟାନୁସାରେ, ମୃତକଙ୍କ ସଂଖ୍ୟା ଏହାର ଗତ ରବିବାରର ପ୍ରାରମ୍ଭିକ ଆକଳନ ଦ୍ୱିଗୁଣିତ ହୋଇଛି। ସେହି ସମୟରେ, କର୍ତ୍ତୃପକ୍ଷ ଅତି କମରେ ୧୦୦୦ ଅତିରିକ୍ତ ମୃତ୍ୟୁ ଆକଳନ କରିଥିଲେ। ସେହି ଆକଳନ କେବଳ ତୀବ୍ର ଏବଂ ମାରାତ୍ମକ ଗରମ ଲହରୀର ତିନୋଟି ସବୁଠୁ ଉତ୍ତପ୍ତ ଦିନ ଉପରେ ଆଧାରିତ ଥିଲା। କର୍ତ୍ତୃପକ୍ଷ କହିଛନ୍ତି ଯେ, ଏହି ପ୍ରାରମ୍ଭିକ ସଂଖ୍ୟା ୧୫ ଜୁନରୁ ୨୧ ଜୁନ୍ ପର୍ଯ୍ୟନ୍ତ ସପ୍ତାହରେ ରେକର୍ଡ ହୋଇଥିବା ୬,୯୪୮ ମୃତ୍ୟୁ ତୁଳନାରେ ୨୯ ପ୍ରତିଶତର ବୃଦ୍ଧିକୁ ଦର୍ଶାଇ ଥାଏ। ସ୍ୱାସ୍ଥ୍ୟ ଏଜେନ୍ସି ଏହାସହ ମଧ୍ୟ ସତର୍କ କରାଇଛି ଯେ, ଏହାର ସଂଖ୍ୟା ପ୍ରକୃତ ମୃତ୍ୟୁ ଠାରୁ କମ୍ ହୋଇପାରେ , କାରଣ ଏହା ଅସମ୍ପୂର୍ଣ୍ଣ ତଥ୍ୟ ଉପରେ ଆଧାରିତ। ପ୍ୟାରିସର ଅନ୍ତିମ ସଂସ୍କାର ସେବା ସହ ଜଡ଼ିତ ଲୋକେ କହିଛନ୍ତି ଯେ, ସେମାନେ ମୃତଦେହକୁ ସମାଧି ଦେବା କିମ୍ବା ଅନ୍ତିମ ସଂସ୍କାର ପୂର୍ବରୁ ମୃତଦେହ ସଂରକ୍ଷଣ କରିବା ପାଇଁ ସ୍ଥାନ ଖୋଜିବାରେ ସମସ୍ୟାରେ ପଡୁଛନ୍ତି। କିଛି ଶବଗୃହ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇ ଯାଇଛି। ସେଠାକୁ ମୃତଦେହ ନେବାକୁ ମନା କରୁଛନ୍ତି। କର୍ତ୍ତୃପକ୍ଷଙ୍କ ତରଫରୁ ଜାରି ମୃତ୍ୟୁ ସଂଖ୍ୟାର ତାଜା ତଥ୍ୟ ୨୨ ଜୁନରୁ ୨୮ ଜୁନ୍ ସପ୍ତାହର। ଏହି ସମୟରେ, ଫ୍ରାନ୍ସ ଇତିହାସରେ ସବୁଠାରୁ ଉତ୍ତପ୍ତ ଗ୍ରୀଷ୍ମ ଅନୁଭୂତ ହୋଇଛି। ଦେଶର ଅନେକ ସହରରେ ଦିନ ଏବଂ ରାତିର ତାପମାତ୍ରା ରେକର୍ଡ ଭାଙ୍ଗିଛି। ଏହି ଗରମ ୟୁରୋପର ଅନ୍ୟାନ୍ୟ ସ୍ଥାନରେ ସର୍ବାଧିକ ତାପମାତ୍ରାର ରେକର୍ଡ ମଧ୍ୟ ଭାଙ୍ଗି ଦେଇଛି। କର୍ତ୍ତୃପକ୍ଷ କହିଛନ୍ତି, ସେ ସେହି ସପ୍ତାହ ମଧ୍ୟରେ ୮,୯୭୩ ମୃତ୍ୟୁ ରେକର୍ଡ କରିଛି।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ରାସ୍ତା**

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ, ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳ ବାଇର ପଥ, କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି। ହେ ଭକ୍ତ, ତୁମେ ସରଳ ହୋଇଯାଅ । ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ। ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ। ଗୁରୁଙ୍କୁ ତ ଭୂଲିପାରିବି ନାହିଁ। ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ। ତେଣୁ କାହାକଥାରେ ମୋତେ କଣ ମିଳୁଛି। ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ। ମୁଁ ମୁକ୍ତିର ପଥ ପାଇ ଯୁକ୍ତିର ବଣରେ କାହିଁକି ପଶିବି। ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ। ତେଣୁ ହେ ଭକ୍ତ ପଥ ଭୂଲନାହିଁ। ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ। ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ। ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ଆବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ। ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ। କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି- ◆◆

# ଅଧା ରହିଗଲା ବଧୂ ବିଦେଶିନୀ...



ଲକ୍ଷ୍ମୀ ଚାନ୍ଦ୍
ବରିଷ୍ଠ ସହ-ସଂପାଦିକା,
ସମ୍ବାଦ କଳିକା
୪୬୪, ସହିଦ ନଗର,
ଭୁବନେଶ୍ୱର-୭
ମୋ-୮୯୧୭୫୯୫୯୧୫

ସାର୍ ପ୍ରଣାମ।

ଜାଣିନି ଏ ଲେଖା ଆପଣଙ୍କ ନିକଟରେ ପହଞ୍ଚିବ କି ନାଇଁ। କିନ୍ତୁ ଲେଖାଟି ଖାସ୍ ଆପଣଙ୍କ ପାଇଁ।

ସେଦିନ ଥାଏ ଶୁକ୍ରବାର। ଶନିବାର ଦିନ ଆପଣଙ୍କ ଧାରାବାହିକ ଉପନ୍ୟାସ 'ବଧୁ ବିଦେଶିନୀ'ର ୪୮ତମ ଏପିସୋଡ ପ୍ରକାଶ ପାଇବାର ଥିଲା। ମୁଁ ଅଫିସ ପହଞ୍ଚିଲାମାତ୍ରେ ୧୧.୩୦ରେ ଆପଣଙ୍କ ମେଲକୁ ୪୮ତମ ଏପିସୋଡର ଡିଟିପି ମ୍ୟାଟର ପଠାଇଦେଲି। ଏହା ଆମର କଥା ହୋଇଥିଲା। ମୋଠୁ ମେଲ ପାଇଲାମାତ୍ରେ ଆପଣ ନିଜର ସମସ୍ତ କାମ ଛାଡି ତାକୁ ପ୍ରୁଫ୍ ଦେଖି ଦିନ ୨ଟା ଭିତରେ ପୁଣି ମୋ ପାଖକୁ ପଠାଇବେ। ମୁଁ ତାକୁ ଲେଆଉଟ କରିବାକୁ ଦେବି। ଦୀର୍ଘଦିନ ହେଲା ଶନିବାର ଆପଣଙ୍କ ଉପନ୍ୟାସ ପ୍ରକାଶ ପାଇଆସୁଥିଲା। ୨ଟା ଯାଇ ୩ଟା ହେଲା । ଆପଣଙ୍କ ପାଖରୁ କୌଣସି ମେଲ ଆସିଲାନି। ଲେଆଉଟ ପିଲା ମୋତେ ବ୍ୟସ୍ତ କଲେ। ମାଡାମ, ସାର ଏଯାଏ ପଠାଇନାହାନ୍ତି, ପେଜ୍ ପାଇଁ ଡେରି ହେଉଛି। ମୁଁ କରିବି କଣ, ଟିକିଏ ରୁହ ପଠାଉଥିବେ କହି ସେମାନଙ୍କୁ ଘ ।ଏ ଅଟକେଇଦେଲି। ୪ଟା ପର୍ଯ୍ୟନ୍ତ ଅପେକ୍ଷା କଲାପରେ ବାଧ୍ୟ ହୋଇ ଆପଣଙ୍କୁ ଫୋନ କଲି। ଭାବିଲି ଆପଣ ବୋଧେ ଶୋଇପଡିଛନ୍ତି। ଦେଖିପାରିନାହାନ୍ତି। ତା ମଧ୍ୟରେ ମୁଁ ନିଜେ ବି ଛୋଟମୋଟ କିଛି ତ୍ରୁଟି ସଂଶୋଧନ କରି ଦେଇଥିଲି। ୨/୩ ଥର ଫୋନ କଲାପରେ ଆପଣ ଯେତେବେଳେ ଫୋନ ଉଠାଇଲେନି ମୋତେ କେମିତି ଅସହାୟ ଲାଗିଲା। ଆପଣ ତ ଏତେ ଦାୟିତ୍ୱହୀନ ନୁହନ୍ତି। ନିଜ ଲେଖାପ୍ରତି ଆପଣ ଅତିମାତ୍ରାରେ ସମ୍ବେଦନଶୀଳ। ସାମାନ୍ୟ କମା କି ପୂର୍ଣ୍ଣଚ୍ଛେଦଟିଏ ଏପଟ ସେପଟ ହୋଇଗଲେ ବାରମ୍ବାର ତାକୁ ସଂଶୋଧନ କରନ୍ତି। ଆପଣଙ୍କ ମତରେ ପାଠକକୁ ଏକ ଉ  ମ ଲେଖା ସହ ବନାନ ଶୁଦ୍ଧି ଥିବା ଲେଖାଟିଏ ଆକୃଷ୍ଟ କରେ। ତାକୁ ସେ ପଢିବାରେ ଅଟକେ ନାହିଁ, ମାତ୍ର ବନାନ ଅଶୁଦ୍ଧି ଥିଲେ ଯେତେ ସୁନ୍ଦର ଲେଖା ହେଲେ ମଧ୍ୟ ପଢିବାକୁ ଇଚ୍ଛା ହୁଏନି। ତେଣୁ ଲେଖକଟିଏ ସବୁବେଳେ ନିଜ ଲେଖା ଏବଂ ତାର ସଂଶୋଧନ ପ୍ରତି ଯଥେଷ୍ଟ ଯତ୍ନବାନ ହେବା ଜରୁରୀ। ଏବେ ସମ୍ବାଦ କଳିକାରେ ଧାରାବାହିକଭାବେ ଚାଲିଥିବା ଆପଣଙ୍କ ବଧୁ ବିଦେଶିନୀ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା। ପାଠକ ଶନିବାର ଦିନକୁ ବଧୁ ବିଦେଶିନୀ ପଢିବା ପାଇଁ ଅପେକ୍ଷା କରୁଥିବାର ଅନେକ ଫୋନ କଲ ଆମ ପାଖକୁ ଆସିଛି ଯାହା ଆମର ସଂପାଦକ ଜୟାଶୀଷ ରାୟ ମଝିରେ ମଝିରେ ଫୋନ କରି ଆପଣଙ୍କୁ ଜଣାଇ ଦେଉଥିଲେ। ୭୫ ବର୍ଷ ବୟସରେ ମଧ୍ୟ ଲେଖାପ୍ରତି ଆପଣଙ୍କ ଆଗ୍ରହ ଏବଂ ନିଷ୍ଠା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଏ। ଅସୀମ ଧୈର୍ଯ୍ୟର ସହ ଗଭୀର ଚିନ୍ତା, ଗବେଷଣା, ପଠନ ଏବଂ ଶୁଦ୍ଧ ଲିଖନ ପାଇଁ ଆପଣ ଓଡ଼ିଆ ସାହିତ୍ୟରେ ଜଣେ ବିଜ୍ଞ ବ୍ୟକ୍ତି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପୂର୍ବରୁ ଆପଣ ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ ରାଜ୍ୟବାହାରେ କାର୍ଯ୍ୟ କରି ନିଜ ବିଚକ୍ଷଣ ଦକ୍ଷତାର ପରିଚୟ ଦେଇସାରିଛନ୍ତି।

ଆପଣଙ୍କୁ ବାରମ୍ବାର ଫୋନ କରି ଆପଣ ନ ଉଠାଇବାରୁ ବାଧ୍ୟ ହୋଇ ସେଦିନ ବଧୁ ବିଦେଶିନୀର ୪୮ତମ ଏପିସୋଡକୁ ଆଉ ଦେଇ ପାରିଲିନି। ସ୍ଥଗିତ ରଖିଲି। ଆପଣଙ୍କ ବିନା ଅନୁମତିରେ କେମିତି ଦେଇଥାନ୍ତି ? ସେହି ସ୍ଥାନରେ ଅନ୍ୟ ଏକ ଆର୍ଟିକିଲ ଦେଲି। ଦିନ ପରେ ଦିନ ବିତିଚାଲିଲା। ନା ଆପଣଙ୍କ ଫୋନ ଲାଗୁଥାଏ ନା ଆପଣ ହ୍ୱାଟସଆପ ମେସେଜ ଦେଖୁଥାନ୍ତି। ମୋତେ ବ୍ୟତିବ୍ୟସ୍ତ ଲାଗୁଥାଏ। କାହାକୁ କହିବି ? ଆପଣଙ୍କ ସହ ଯୋଗାଯୋଗର ମାଧ୍ୟମ ତ ସେଇ ଗୋଟିଏ-ଫୋନ, ଯାହା ରିଙ୍ଗ ତ ହେଉଥାଏ ମାତ୍ର କେହି ଉଠାଉନଥାନ୍ତି। ତା ପର ପର ଦୁଇ ସପ୍ତାହ ଆପଣଙ୍କ



ଫାଇଲ୍ ଫଟୋ

ଦୁର୍ଗାଚରଣ ସାହୁ
ସ୍ତମ୍ଭକାର, ଔପନ୍ୟାସିକ
ଆଇଏଏସ୍, (ଅବସରପ୍ରାପ୍ତ)

ଲେଖା ପ୍ରକାଶ ପାଇଲାନି। ଅଫିସକୁ ପାଠକ ଫୋନ କରୁଥାନ୍ତି। ମୁଁ କିଛି ନିର୍ଦ୍ଦିଷ୍ଟ ଉତ୍ତର ଦେଇପାରୁନଥାଏ। କିଛି ଜାଣିଥିଲେ ସିନା କାହାକୁ କହିଥାନ୍ତି। ଜୟାଶୀଷ ସାର ମଧ୍ୟ ସେତେବେଳେ ଅସୁସ୍ଥ ଥିଲେ। ତେଣୁ ତାଙ୍କ ସହ ଏ ବିଷୟରେ କିଛି କଥା ହୋଇପାରୁନଥାଏ। ଆପଣ ଅତି ଅସୁସ୍ଥ କିମ୍ବା କିଛିଗୋଟେ ଗୁରୁତର ଅସୁବିଧା ହୋଇଛି ଏୟା ଭାବି କିଛିଦିନ ନିରବ ରହିଲି। ଅପେକ୍ଷା କଲି ଆପଣଙ୍କ ଫୋନ କଲକୁ। କିନ୍ତୁ ଭିତରେ ଭିତରେ ବ୍ୟସ୍ତତା ବଢିବାକୁ ଲାଗିଲା। ସବୁବେଳେ ଆପଣଙ୍କ ଚିନ୍ତା ଲାଗିରହିଲା। ବାଧ୍ୟ ହୋଇ ଜୟାଶୀଷ୍ ସାରଙ୍କୁ କହିଲି। ସାର୍ ଆପଣଙ୍କ ଏଭଳି ନିରବତା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସମ୍ବାଦ କଳିକାର ଅନ୍ୟତମ ବିଶିଷ୍ଟ ସ୍ତମ୍ଭକାର ଏବଂ ଲୋକ ସଂସ୍କୃତିର ଗବେଷକ ମନ୍ମଥ ଶତପଥୀଙ୍କ ସହ ଯୋଗାଯୋଗ କରିବା ପାଇଁ କହିଲେ। ମନ୍ମଥ ଶତପଥୀ ମଧ୍ୟ ସେଇ ସମୟରେ ଅସୁସ୍ଥ ଥିଲେ। ସେ ସାମାନ୍ୟ ସୁସ୍ଥ ହେବାରୁ ତାଙ୍କୁ ଆପଣଙ୍କ ବିଷୟରେ ପଚାରିଲି। ସେ ମଧ୍ୟ ଆପଣଙ୍କ ବିଷୟରେ କିଛି ଜାଣିନଥିବା କହିବା ସହ କହିଲେ 'ମୁଁ ତାଙ୍କୁ ଦୁଇଟି ଫଙ୍କସନ ପାଇଁ ହ୍ୱାଟ୍ସଆପରେ କାର୍ଡ ପଠାଇଚି, ସେ ଦେଖିନାହାନ୍ତି ମଧ୍ୟ। ଫୋନ ବି କରିଥିଲି ଉଠାଇଲେନି। ତାଙ୍କ ଝିଅ ଆମେରିକାରେ ଅଛି, ବୋଧେ ତା ପାଖକୁ ଚାଲିଯାଇଥିବେ।'

ଏ କଥା ମୋ ମନକୁ ଗଲାନି। ଏହି ଘଟଣାର ପୂର୍ବଦିନ ମୁଁ ଆପଣଙ୍କ ସହ କଥା ହୋଇଥିଲି। ଡିଟିପି ପିଲାଙ୍କ ଭୁଲଭଟକା ବିଷୟରେ ଅନେକ କଥା ଆପଣ କହୁଥିଲେ। ବଧୁ ବିଦେଶିନୀକୁ ନେଇ ମଧ୍ୟ ଆମେ ଅନେକ ଗପିଲେ। ତାକୁ ଆପଣ ୨୫୦ରୁ ୩୦୦ ପୃଷ୍ଠାର ଏକ ବଡ଼ ବହି କରିବାର ଲକ୍ଷ୍ୟ ରଖିଥିବା କଥା କହିଲେ। କାହାଣୀ ବଢିଚାଲିଛି, ସତ୍ୟ ଏବଂ କଳ୍ପନା ମିଶ୍ରିତ ବହିଟି ମୋତେ ଆଗକୁ ଟାଣିନେଉଛି। ଯେତେ ବଡ ହେବ ହେଉ ଲେଖିବି ବୋଲି ଏକ ନିଶ୍ଚିତ ସୂଚକ ବାକ୍ୟ ଅପଣଙ୍କ ମୁହଁରୁ ଶୁଣି ମୁଁ ଆସ୍ୱସ୍ତ ହୋଇଥିଲି। ଆପଣଙ୍କୁ ଅଭିନନ୍ଦନ ଜଣାଇଥିଲି। ମନ୍ମଥ ସାରଙ୍କ କଥା ଶୁଣି ଭାବିଲି ନା ଆପଣ ଆମେରିକା କେବେ ଯାଇନଥିବେ। ଯିବାର ଥିଲେ ମୋତେ ଅନ୍ତତଃ ଜଣାଇଥାନ୍ତେ। କିଛି ନ ହେଲେ କେତୋଟି ଏପିସୋଡ ଲେଖିକି ଦେଇ ଯାଇଥାନ୍ତେ। ଗୁଡାଏ ଦିନ ଏହା ମଧ୍ୟରେ ବିତିଯାଇଥାଏ। ଆପଣ ଭୁବନେଶ୍ୱରରେ ଅଛନ୍ତି ଏବଂ କିଛି ଗୋଟେ ଗୁରୁତର ଅସୁସ୍ଥ ଅଛନ୍ତି, ଏହି ଭାବନା ମନକୁ ଆସିବାରୁ ଆପଣଙ୍କ ଏପିସୋଡ ବାଡାଉଥିବା ଆମ ଅଫିସର ଡିଟିପି ଅପରେଟର ଶରତ କୁମାର ସାହୁକୁ (ସେ ଯେହେତୁ ଆପଣଙ୍କ ଘର ଦେଖିଥିଲା) କହିଲି ଯାଇକି ଟିକେ ବୁଝିଆସିବ ଦୁର୍ଗା ସାରଙ୍କର ପ୍ରକୃତରେ ହୋଇଛି କ'ଣ ? କାହିଁକି ସେ ଆମ ସହ ଯୋଗାଯୋଗ କରୁନାହାନ୍ତି। ଗୁରୁତର ଅସୁସ୍ଥ ହୋଇପଡିଛନ୍ତି କି ? ଅଫିସରେ ଆପଣଙ୍କ ନିରବତା ନେଇ ଆଲୋଚନା ହେଉଥାଏ। ତେଣୁ ସେ ତୁରନ୍ତ ଗଲା ବୁଝିବାକୁ। ଆସି କହିଲା ମାଡାମ ଆପଣ ଯାହା ସନ୍ଦେହ କରୁଥିଲେ ସତ। ସେ ବ୍ରେନ ହାମାରେଜରେ କୋମାରେ ପଡିଛନ୍ତି ସମ ଅଲ୍ଟିମେଟରେ। ଏବେ ତାଙ୍କୁ ଗୋଟେ ରିହାବ ସେଣ୍ଟରରେ ରଖାଯାଇଛି। ତାଙ୍କର ଜଣେ ପୁତୁରା ଓ କେୟାର ଟେକର ତାଙ୍କ ପାଖରେ ଅଛନ୍ତି। ସେ ମୋତେ ଉଭୟଙ୍କ ଫୋନ ନମ୍ବର ଦେଇ କହିଲା ଆପଣ କଥା ହୋଇଯାଆନ୍ତୁ।

ମୁଁ ଆପଣଙ୍କ ପୁତୁରାଙ୍କ ପାଖକୁ ଫୋନ କଲି। ତାଙ୍କଠାରୁ ଜାଣିବାକୁ ପାଇଲି ଯେ ଆପଣ ଜାନୁୟାରୀ ମାସର ଏକ ମଙ୍ଗଳବାର ରାତି ୧୨ଟାରେ ଆପଣଙ୍କ ଲେଖାର ପ୍ରୁଫ ସଂଶୋଧନ କଲାବେଳକୁ ହଠାତ ମସ୍ତିଷ୍କ ଆଘାତର ଶିକାର ହେଲେ। ଆପଣଙ୍କ ମୁଣ୍ଡ ଗୋଟେ ପଟକୁ ଢଳି ପଡିଥିବାର ଦେଖି ଆପଣଙ୍କ କେୟାର ଟେକର ସଂଗେସଂଗେ ଆପଣଙ୍କ ପୁତୁରା ଏବଂ ପାଖରେ ରହୁଥିବା ଆପଣଙ୍କ ବଡଝିଅଙ୍କୁ ଖବର ଦେଲା। ତୁରନ୍ତ ଆପଣଙ୍କୁ ସମ ଅଲ୍ଟିମେଟକୁ ନିଆଗଲା। ସେଠାରେ କୁଆଡେ ବେଡ ଆରେଞ୍ଜମେଣ୍ଟ ହେବା ସମୟରେ ଆପଣ ରିସେପସନ ପାଖରେ ସାମାନ୍ୟ ମୁଣ୍ଡ ଉଠାଇ ଚାରିଆଡେ ଚାହିଁଲେ। ମାତ୍ର ଠିକ ତା ପରେ ପରେ ଆପଣଙ୍କର ଏକ ମାସିଭ ହାର୍ଟ ଆଟାକ ହେଲା ଯେଉଁଥିପାଇଁ ଆପଣଙ୍କୁ ତୁରନ୍ତ ଆଇସିୟୁକୁ ନିଆଗଲା। ସେଇ ଆଇସିୟୁ ଏବଂ ରିହାବ ସେଣ୍ଟର ମଧ୍ୟରେ ବିତିଗଲା ଆପଣଙ୍କର ୪/୫ ମାସ। ମୁଁ ଶୁଣିଥିଲି ଆପଣ ଜୁଳୁ ଜୁଳୁ ଚାହୁଁଥିଲେ ମାତ୍ର କାହାକୁ ଚିହ୍ନିପାରୁନଥିଲେ କି କଥା କହି ପାରୁନଥିଲେ।

ଏହା ମଧ୍ୟରେ ଦିନେ ଆପଣଙ୍କ ହ୍ୱାଟ୍ସଆପ ନମ୍ବର ସିନ ଚିହ୍ନ ଆସିଲା। ମୋତେ ଲାଗିଲା ଆପଣ ଠିକ୍ ହୋଇଗଲେ। ପୁଣି ବଧୁ ବିଦେଶିନୀ ଆରମ୍ଭ କରିବେ। ମୋର ଆନ୍ତରିକ ଜିଜ୍ଞାସା ମୋତେ ଆପଣଙ୍କ ପାଖକୁ ଟାଣିନେଲା। ତତ୍କ୍ଷଣାତ୍ ମୁଁ ଆପଣଙ୍କୁ ମେସେଜ ମାଧ୍ୟମରେ ଅନେକ କଥା ପଚାରି ବସିଲି। କିନ୍ତୁ ଦୁର୍ଭାଗ୍ୟ, ସେ ଆପଣ ନଥିଲେ। ଆପଣଙ୍କ ବଡଝିଅ ମେସେଜର ଉତ୍ତର ଦେଇ ଆପଣଙ୍କ ଅବସ୍ଥା ଆଦୌ ସୁଧୁରୁ ନାହିଁ ବରଂ ଦିନକୁ ଦିନ ବିଗିଡିବାକୁ ଲାଗିଛି ବୋଲି ଜଣାଇଲେ। ମୁଁ ତାଙ୍କ ଫୋନ ନମ୍ବର ମାଗି କଥାହେଲି। ବିଭିନ୍ନ କଥା ହେଲା ଭିତରେ ସେ ଆପଣଙ୍କର ଇଣ୍ଟରନାଲ ଇନ୍‌ଫେକସନ ବଢିଚାଲିଛି, ଆପଣ ଆଉ ଆଖି ଖୋଲୁନଥିବାର କହିଲେ। ବହୁତ କାନ୍ଦଲାଗିଲା। ଈଶ୍ୱରଙ୍କ ନିକଟରେ ହାତ ଯୋଡି ଆପଣଙ୍କ ସୁସ୍ଥତାପାଇଁ ପ୍ରାର୍ଥନା କଲି। ଆପଣଙ୍କ ଝିଅର ସ୍ୱରରେ ଭରିରହିଥିବା ନିରାଶା ମୋତେ ଅନ୍ତର ଭିତରୁ ଦୋହଲେଇ ଦେଇଥିଲା। ବଧୁ ବିଦେଶିନୀ ଯେ ସଂପୂର୍ଣ୍ଣ ହେବ ଏ ଆଶା ଅଉ ନଥିଲା। ଏହାର ଅଳ୍ପଦିନ ପରେ ଦିନେ ଆପଣ ଏତେ ମନେ ପଡିଲେ ଯେ ଆପଣଙ୍କ ମୋବାଇଲରେ ଆପଣଙ୍କ ଝିଅ ଉଦ୍ଦେଶ୍ୟରେ ମେସେଜ ଦେଲି, ସାର ଟିକିଏ ସୁସ୍ଥ ହେଲେଣି କି ? ସେତେବେଳକୁ ଆପଣ ଶେଷ ନିଃଶ୍ୱାସ ଗଣୁଥିଲେ। ସମୟ ସରିଆସୁଥିଲା। ବଧୁବିଦେଶିନୀର ବାକିଲେଖା ଆପଣଙ୍କ ଛାତିତଳେ କବର ନେଇସାରିଥିଲା। ପରଦିନ ରାତି ୧୨ଟାରେ ଆପଣଙ୍କ ଝିଅ ପାଖରୁ ମେସେଜ ଆସିଲା-'ବାବା ସଂଧ୍ୟା ୬.୪୫ମିନିଟରେ ଚାଲିଗଲେ'। ଫୋନ ସେମିତି ଖୋଲା ରହିଗଲା। ସାରା ରାତି ଶୋଇପାରିଲିନି।

କେତେ ସ୍ୱପ୍ନ ଥିଲା ଆପଣଙ୍କ ଆଖିରେ ବଧୁ ବିଦେଶିନୀକୁ ନେଇ। ତାକୁ ପୁସ୍ତକ ଆକାରରେ ଦେଖିବାପାଇଁ। ମୁଁ ଶୁଣିଥିଲି ଆଖିରେ ସ୍ୱପ୍ନ ଥିଲାଯାଏ ମଣିଷ ବଂଚିରହେ। ସ୍ୱପ୍ନ ଯେଉଁଦିନ ଆଖି ଛାଡିଦିଏ ଆଖି ବନ୍ଦ ହୋଇଯାଏ। ସାର୍, ଆପଣଙ୍କ ଆଖିରେ ତ ଏତେ ସ୍ୱପ୍ନ ଥିଲା, କେହି ନ ଜାଣିଲେ ବି ଆପଣ ମୋ ସହ ଏକଥା ଶେୟାର କରିଥିଲେ... ଆପଣଙ୍କ ଆଖି କେମିତି ସବୁଦିନ ପାଇଁ ବନ୍ଦ ହୋଇଗଲା ?

ଏମିତି କଣ କେହି ଯାଏ ? ଲେଖୁଲେଖୁ ଉପନ୍ୟାସଟିକୁ ଅଧାରେ ଛାଡି ପାଠକଙ୍କୁ ଅସହାୟ କରି କେମିତି ଚାଲିଗଲେ ଆପଣ ? ବାକି ଅଧକ କିଏ ପୂରଣ କରିବ ? ହଁ ସମୟ କଡ ଲେଉଟାଇବ। କ୍ଷତ ପୂରଣ ହୋଇଯିବ। ଆପଣ ସ୍ମୃତି ପାଲଟିଯିବେ। କିନ୍ତୁ ବଧୂ ବିଦେଶିନୀ...ତାର ଚରିତ୍ରସବୁ ସାରା ଜୀବନ ଆପଣଙ୍କ ହାତଛୁଆଁକୁ ଚାହିଁ ଗୁମୁରୁଥିବେ।

ଚାହୁଁ ଚାହୁଁ ୧୨ଦିନ ହୋଇଗଲାଣି। ଆପଣ ଆମ ଗହଣରେ ନାହାନ୍ତି ଏକଥା ବିଶ୍ୱାସ ହେଉନି। ଏବେ ବି ମନ ଭିତରେ ଆପଣ ସେମିତି ବିରାଜମାନ ଯେମିତି ଆମେ କଥା ହେଉଥିଲେ, ଆଲୋଚନା କରୁଥିଲେ। ଲାଗୁଛି କେତେବେଳେ ବି ଆପଣଙ୍କ ଫୋନ କଲ ଆସିବ ଏବଂ କହିବେ ନେକ୍ସଟ ଏପିସୋଡ ପ୍ରସ୍ତୁତ...ଅଳ୍ପ ସମୟ ଭିତରେ ମେଲ କରୁଛି।

ନା... ସେ ସ୍ୱର ଆଉ ଶୁଭିବ ନାହିଁ...

ଆପଣ ଯେଉଁଠି ବି ଥାଆନ୍ତୁ ଶାନ୍ତିରେ ଥାଆନ୍ତୁ। ଈଶ୍ୱରଙ୍କ ସାନ୍ନିଧରେ ଥାଆନ୍ତୁ। ପ୍ରଣାମ।

### ବନମହୋତ୍ସବ ସପ୍ତାହ ଉପଲକ୍ଷେ ...

# ବଞ୍ଚିଲେ ବନ-ବଞ୍ଚିବେ ଜନ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ "ବନମହୋତ୍ସବ" ଆମ ଦେଶରେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ଆମେ ପାଳୁଛେ ୭୬ତମ ବନମହୋତ୍ସବ ସପ୍ତାହ। ବନୋମହୋତ୍ସବ ପାଳନର ଉଦ୍ଦେଶ୍ୟ ହେଲା ପରିବେଶ ସନ୍ତୁଳନ ରକ୍ଷାପାଇଁ ଲୋକମାନଙ୍କୁ ଗଛଲଗାଇବା ଓ ଏହାର ଯତ୍ନ ନେବାକୁ ସଚେତନ କରାଇବା। ଅନ୍ୟ ଅର୍ଥରେ କହିଲେ ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କରାଣ ହୋଇଛି । ମଣିଷଟି-ଗଛଟିଏ ସ୍ଲୋଗାନ ମଧ୍ୟ ଦିଆଯାଉଛି। ପ୍ରତ୍ୟେକ ମଣିଷ ଗଛଟିଏ ଲଗାଇ ତାକୁ ବଞ୍ଚାଇ ରଖିବା ପାଇଁ କୁହାଯାଉଛି। ପ୍ରତିବର୍ଷ ଚାରାରୋପଣ କରାଯାଉଛି । କିନ୍ତୁ କେତେ ବଞ୍ଚୁଛି ତାହାର ହିସାବ କାହା ପାଖରେ ନାହିଁ। ଏମିତି ଆମ ପରିବେଶ ସୁରକ୍ଷା ଚିନ୍ତା ଏହି ଅବସରରେ ଜୁଲାଇ ଏକ ଠାରୁ ସାତ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ଏଠାରେ ସୂଚନା ଯୋଗ୍ୟ ଯେ, ଉଦ୍ଭିଦ ଓ ପ୍ରାଣୀଜଗତ ଈଶ୍ୱରୀୟ ସୃଷ୍ଟି ଓ ଅନାଦି ଅଟେ। ପ୍ରାଣୀଜଗତର ସ୍ଥିତି, ବିକାଶ ଓ ବିଲୟ ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରିଥାଏ। କିନ୍ତୁ ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦ ଅବକ୍ଷୟର କାରଣ ହୋଇଛି । ଫଳସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି। ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ପରିଣାମ ସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି ।

ସମ୍ପ୍ରତି ପରିବେଶ ପ୍ରଦୂଷଣ, ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ପରିଣାମ ସ୍ୱରୂପ, ଋତୁ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଲାଣି। ଛଅ ଋତୁ ଆଜି ସାତ ସପନ। ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି। ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି। ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ। ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ। ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷାର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ। ଘରେ ଗରମ ତ -ବାହାରେ ଅଗ୍ନିବର୍ଷା। ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା ।

ଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି। ଗତବର୍ଷ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ଚାରିବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ। ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି ।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ। କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ। ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବା ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମୀ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଅସମ୍ଭାଳ ହୋଇଛି ଗ୍ରୀଷ୍ମ ପ୍ରବାହ। ଜୁନ୍ ମାସ ସରିବାକୁ ବସିଲା । ଅଥଚ ମୌସୁମୀର ରହୁନି ଠିକଣା । ତାରିଖ ବଦଳଉଛି ମୌସୁମୀ । ଯଦିଓ ପ୍ରାକ୍ ମୌସୁମୀ ବର୍ଷା ହେଉଛି ତାହା ଯଥେଷ୍ଟ ନୁହେଁ । ଅପରପକ୍ଷରେ କାଳବୈଶାଖୀ ଯୋଗୁଁ ବଜ୍ରାଘାତ ହେଉଛି । ପରିଣାମ ସ୍ୱରୂପ ଧନଜୀବନ ହାନି ହେଉଛି । ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ସବୁଠୁ ଦୟନୀୟ ଅବସ୍ଥା ପଶୁପକ୍ଷୀଙ୍କର, ଅବସ୍ଥା ନକହିଲେ ଭଲ।

ପ୍ରତି ବର୍ଷ ବନମହୋତ୍ସବ ଆସିଲେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ନୂତନ ଜଙ୍ଗଲର ସୃଷ୍ଟି, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡରେ ବୃକ୍ଷରୋପଣ, ସହରାଞ୍ଚଳରେ ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ମଣିଷଟିଏ -ଗଛଟିଏ ସ୍ଲୋଗାନ ଦିଆଯାଇଥାଏ । ନୂତନ ଚାରା ରୋପଣ କରାଯାଇ ବନମହୋତ୍ସବ ସପ୍ତାହକୁ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଛାତ୍ରଛାତ୍ରୀ ମାନଙ୍କୁ ଠାରୁ ଆରମ୍ଭ କରି ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଏପରିକି ବେସରକାରୀ ଓ ସରକାରୀ ସ୍ତରରେ ଏହି ସାତ ଦିନ ଧରି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଥାଏ। କିନ୍ତୁ ଲଗାଯାଇଥିବା ଚାରା ଗଛ ମଧ୍ୟରୁ ଆସନ୍ତା ବର୍ଷ ଏହି ବର୍ଷକୁ କେତେ ଚାରା ଗଛ ବଞ୍ଚିଥାଏ ତାହା ସମସ୍ତଙ୍କୁ ଜଣା। କାଗଜ କଲମରେ ସବୁ ସୀମିତ ରହିଥାଏ । ସାତ ଦିନ ଚାଲିଗଲେ ସତେ ଯେମିତି ଆମ ଦାୟିତ୍ୱ ସରିଯାଏ। ତାପରେ ଆମେ ଚୁପ୍‌ଚାପ ବସିଯାଉ ଆଉ ଗୋଟିଏ ବର୍ଷ ପର୍ଯ୍ୟନ୍ତ।

ଏବେ ଚିନ୍ତା କରିବାର ବେଳ ଆସିଛି । ବେଳକୁ ବେଳ ପ୍ରକୃତିର ତାଣ୍ଡବ ବଢିବାରେ ଲାଗିଛି। ଯାହାର ପରିଣାମ ପ୍ରତିବର୍ଷ ଆମେ ଭୋଗୁଛେ। ତେଣୁ ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ। ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ। ଏଥିପାଇଁ ଯୁବ ସ୍ତରରେ ସଚେତନତା ସୃଷ୍ଟି ହେବା ଦରକାର। ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାକୁ ବଞ୍ଚାଇରଖି ବଡ ଗଛରେ ପରିଣତ କରିପାରିଲେ ତାହାହିଁ ଆମର ପ୍ରକୃତ ଲକ୍ଷ୍ୟ ପୂରଣ କରିପାରିବ । ତାହାନହେଲେ କେବଳ ବନମହୋତ୍ସବ ପାଳନ କରିଦେଲେ ସମସ୍ୟାର ସମାଧାନ ହେବନାହିଁ। ବନମହୋତ୍ସବ ପାଳନ ସପ୍ତାହ ଅବସରରେ ପ୍ରତ୍ୟେକ "ବଞ୍ଚିଲେ ବନ- ବଞ୍ଚିବେ ଜନ" କଥାଟିକୁ ଆପଣେଇ ନେଲେ ଏହାହିଁ ହେବ ବନମହୋତ୍ସବ ପାଳନର ଉପଯୁକ୍ତ ପଦକ୍ଷେପ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## କୋରେଇ ବିଜେପିର ମିଶ୍ରଣ ପର୍ବ, ଶତାଧିକ କର୍ମୀ ଯୋଗଦେଲେ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶାସକ ବିଜେପି ଦଳର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡ଼କୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ୍ ହୋଇଥିବାବେଳେ କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ଟାଉନ୍ ହଲ୍ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲେ । କୋରେଇ ବ୍ଲକ୍ ଅନ୍ତର୍ଗତ ଜହ୍ନା ଗ୍ରାମପଞ୍ଚାୟତର ଯୁବନେତା ପ୍ରୀତିରଞ୍ଜନ ସାହୁ ଏବଂ ବିଜେପି ସଭାପତି ଜଗଦିଶ ସାହୁଙ୍କ ନେତୃତ୍ୱରେ ଜହ୍ନା ଗ୍ରାମପଞ୍ଚାୟତର ଜହ୍ନା, ଛୋଟରାୟପୁର, ତାଲୁଗାଁ, ନରପଦା, ତଲୁରୀ, ଜହ୍ନକଣା ଆଦି ଗ୍ରାମର ଶତାଧିକ ନେତା ଓ କର୍ମୀ ବିଜୁ ଜନତା ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ । କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମପଞ୍ଚାୟତର ବିଜେପି ସଭାପତି ପ୍ରଫୁଲ୍ଲ କୁମାର ସାହୁ ଓ ସରପଞ୍ଚ ସର୍ବେଶ୍ୱର ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀନଗର ଗ୍ରାମପଞ୍ଚାୟତର ତରାପୁର, ଭିକିପୁର, ଲକ୍ଷ୍ମୀନଗର, କୃଷ୍ଣନଗର, ରାଧାନଗର ଆଦି ଗ୍ରାମର ଶତାଧିକ ନେତା ଓ କର୍ମୀ ବିଜୁ ଜନତା ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି ।

## ମେଧାବୀଙ୍କ ଉଚ୍ଚ ଶିକ୍ଷାରେ ଅର୍ଥାଭାବ ବାଧକ ସାଜିବା ଉଚିତ୍ ନୁହେଁ:ଜିଲ୍ଲାପାଳ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ରାଜ୍ୟ ସରକାରଙ୍କ 'ଯୋଶଦା' ଯୋଜନା ଓ ମିଶନ ବାତ୍ସଲ୍ୟ ସମ୍ପର୍କରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ବୃତ୍ତିଗତ, ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଅଧକ୍ଷ ଓ ଅଧକ୍ଷାମାନଙ୍କୁ ନେଇ ଏକଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ କହିଥିଲେ ଯେ, ଅର୍ଥାଭାବ କେବେ ମଧ୍ୟ ଜଣେ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାରେ ବାଧକ ସାଜିବା ଉଚିତ୍ ନୁହେଁ । ତେଣୁ ପିତାମାତାହୀନ, ପରିତ୍ୟକ୍ତ, ଏଚ୍‌ଆଇଭି/ଏଡ୍ସ ସଂକ୍ରମିତ, ଏକକ ଅଭିଭାବକଙ୍କ ସନ୍ତାନ ଏବଂ ଉଚ୍ଚ, ବୃତ୍ତିଗତ ଓ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଥିବା ସମସ୍ତ ଯୋଗ୍ୟ ଶିଶୁଙ୍କୁ ଚିହ୍ନଟ କରି 'ଯୋଶଦା' ଯୋଜନାରେ ସାମିଲ କରିବା ପାଇଁ ସେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆହ୍ୱାନ୍ ଜଣାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ରଖିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କିଶୋର ନ୍ୟାୟ ଆଇନ୍-୨୦୧୫ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ 'ଯୋଶଦା' ଯୋଜନାର ନିୟମାବଳୀ, ଯୋଗ୍ୟତା ଓ ସୁବିଧା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଏଡଭୋକେଟ୍ ରାଧାକାନ୍ତ ବାଘ ଓ ସଦସ୍ୟା ଅନୁସୟା ହୋତା ଯୋଗଦେଇ ଶିଶୁ ସୁରକ୍ଷା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସମନ୍ୱିତ ପଦକ୍ଷେପର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ଲିଗାଲ୍ ପ୍ରବେସନ୍ ଅଫିସର ସମରଶସେନ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରବଣ କୁମାର ସାହୁ, ବସନ୍ତ କୁମାର ଦିଶିରି, ରିତେଶ ପଧାନ, ସହଦେବ ନାୟକ, ସତ୍ୟନାରାୟଣ ନାଏକ ଓ ରିତ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ଗ୍ରାମୀଣ ଜୀବିକାକୁ ବିକଶିତ କରିବ 'ଭିବିଜି-ରାମ-ଜି' କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**

ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ବିକଶିତ ଗ୍ରାମୀଣ ଭାରତର ସଂକଳ୍ପକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସମଗ୍ର ଦେଶରେ 'ବିକଶିତ ଭାରତ- ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିସନ୍ (ଗ୍ରାମୀଣ)' 'ଭିବି ଜି ରାମ ଜି'ର ଲୋକାର୍ପଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ପରିଷଦର ଅଧକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ପଞ୍ଚାୟତରାଜ



ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ଏହି ସମାବେଶକୁ ସମ୍ବୋଧିତ କରି ଅତିଥିମାନେ ନିଜ ନିଜ ଅଭିଭାଷଣରେ ଏହି ବଡ଼ ସଂସ୍କାରର ପରିବର୍ତ୍ତନଶୀଳ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେଇ, 'ଭିବି-ଜିରାମଜି'ର ଶୁଭାରମ୍ଭ କେନ୍ଦୁଝରର ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକଟ କରିଥିଲେ । କେବଳ ସ୍ୱଳ୍ପ ମିଆଦି ଆଶ୍ୱାସନାମୂଳକ କାର୍ଯ୍ୟ ଯୋଗାଇବା ଢାଞ୍ଚାରୁ ବାହାରି ସ୍ଥାୟୀ ସମ୍ବଳ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛୁ, ଯାହା ଆମ ଗ୍ରାମଗୁଡ଼ିକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ଲାଭାନ୍ୱିତ କରିବ । ପ୍ରଶାସନିକ ନିରନ୍ତରତା ବିଷୟରେ ଜନସାଧାରଣଙ୍କୁ ଆଶ୍ୱାସନା ଦେଇ ଅତିଥିମାନେ ଆହୁରି ମଧ୍ୟ ଏହି ନୂତନ ବ୍ୟବସ୍ଥା ଲାଗୁ ହେବା ସମୟରେ ଆମ ଜିଲ୍ଲାର କୌଣସି ବି ଯୋଗ୍ୟ ଗ୍ରାମୀଣ ଶ୍ରମିକ ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ବର୍ତ୍ତମାନର ସମସ୍ତ ଇ-କେୱାଇସି ଯାଞ୍ଚ ହୋଇଥିବା ଜବ୍ କାର୍ଡ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ ଏବଂ ପର୍ଯ୍ୟାୟକ୍ରମେ ନୂତନ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ବଣ୍ଟନ ଶେଷ ନହେବା ପର୍ଯ୍ୟନ୍ତ ଏହା ବୈଧ ରହିବ ବୋଲି କହିଥିଲେ । ସୂଚନାଯୋଗ୍ୟ ଏହି ଅତ୍ୟାଧୁନିକ ବ୍ୟବସ୍ଥା ଭାରତର ଗ୍ରାମୀଣ ଶ୍ରମଶକ୍ତି ରଣନୀତିକୁ 'ବିକଶିତ ଭାରତ ୨୦୪୭' ସଂକଳ୍ପ ସହ ତାଳ ଦେଇ ଗଢ଼ି ତୋଳିବ, ଯାହା କେବଳ ମଜୁରୀ ଭିତ୍ତିକ ଅଧିକାର ବଦଳରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଉପରେ ଆଧାରିତ । ନୂତନ ଆଇନ୍ ଅନୁଯାୟୀ, ବାର୍ଷିକ ସରକାରୀ କାର୍ଯ୍ୟ ଗ୍ୟାରେଣ୍ଟିକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଜାତୀୟ ସ୍ତରରେ ଦୈନିକ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଶାସନିକ ବିଳମ୍ବକୁ ଏଡ଼ାଇବା ପାଇଁ ଏବେ ମଜୁରୀ ସାପ୍ତାହିକ କିମ୍ବା ପାକ୍ଷିକ (୧୫ ଦିନ) ଆଧାରରେ ସିଧାସଳଖ ପ୍ରଦାନ କରାଯିବ । ସ୍ଥାନୀୟ କୃଷି ଅର୍ଥନୀତିକୁ ସହାୟତା କରିବା ପାଇଁ ଏହି ଯୋଜନାରେ ଫସଲ ଅମଳର ମୁଖ୍ୟ ସମୟରେ ୬୦ ଦିନର ବାଧତାମୂଳକ କାର୍ଯ୍ୟ ବିରତି ବ୍ୟବସ୍ଥା ରଖାଯାଇଛି । ଆର୍ଥିକ ପରିଚାଳନା ଦୃଷ୍ଟିରୁ ଏହା କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତର ଆର୍ଥିକ ଭାଗିଦାରୀରେ ପରିଚାଳିତ ହେବ ବୋଲି ଜଣାପଡିଛି ।

## ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଜି ରାମ ଜି-୨୦୨୫ ଉପରେ ଜନ ସଚେତନତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଟାଉନ୍ ହଲ୍ ଠାରେ ଆନ୍ଧ୍ର ପ୍ରଦେଶର ତିରୁପତି ଠାରେ ଭାରତ ସରକାରଙ୍କ ଦ୍ୱାରା ବିକଶିତ ଭାରତ ଜି ରାମ ଜି-୨୦୨୫ର କେନ୍ଦ୍ର ମନ୍ତ୍ରୀ, କୃଷି, କୃଷକ ମଙ୍ଗଳ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ, ଶିବରାଜ ଚୌହାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଏଲ୍‌ଇଡି ଟେଲିଭିଜନ୍ ଜରିଆରେ ଆଭାସି ମାଧ୍ୟମରେ ଜନସାଧାରଣଙ୍କ ସିଧାପ୍ରସାରଣରେ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ସୋନପୁର ଟାଉନ୍ ହଲ୍ ଠାରେ ବିକଶିତ ଭାରତ ଜି ରାମ ଜି-୨୦୨୫କୁ ମୁଖ୍ୟ ଅତିଥି ବିଧାୟକ, ବୀରମହାରାଜପୁର ଇଞ୍ଜିନିୟର ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ୍ ସାହୁ ଓ ଅନ୍ୟ ସମ୍ମାନିତ ଅତିଥି ଉପାଧକ୍ଷ, ଜିଲ୍ଲା ପରିଷଦ ଝସକେତନ ବଘାର, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ସମାଜସେବୀ, ବେଣୁଧର ଦାଶ, ସାଂସଦଙ୍କ



ପ୍ରତିନିଧି ନଳିନୀ ପଣ୍ଡାଙ୍କ ଦ୍ୱାରା ଜିଲ୍ଲା ସ୍ତରରେ ଶୁଭାରମ୍ଭ କରାଯାଇଥିଲା । ଏହି ଶୁଭାରମ୍ଭ ସଭାରେ ଜିଲ୍ଲା ସ୍ତରୀୟ ଅଧିକାର ବୃନ୍ଦ, ସମସ୍ତ ପଞ୍ଚାୟତ ସମିତିର କର୍ମଚାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର, ମେଟ୍ ବା ଗାଁ ସାଥୀ ବୃନ୍ଦ, ଜିଲ୍ଲାର ଜନସାଧାରଣ, ମଜୁରିଆ, ବୁଦ୍ଧିଜୀବୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ମୁଖ୍ୟଅତିଥି ବିଧାୟକ, ବୀରମହାରାଜପୁର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସେମାନଙ୍କ ଅଭିଭାଷଣରେ ବିକଶିତ ଭାରତ ଜି ରାମ ଜି-୨୦୨୫ର ବୈଶିଷ୍ଟ୍ୟ, ନିର୍ଦ୍ଦେଶାବଳୀ ଓ ନିୟମାବଳୀ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବିଶଦ ଭାବେ ଅବଗତ କରାଇବା ସହିତ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ୧୨୫ ଦିନର ନିଶ୍ଚିତ ରୋଜଗାର ସହିତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଗ୍ରାମାଞ୍ଚଳ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଜନସାଧାରଣ ସଚେତନ କରି ଅବଗତ କରାଇଥିଲେ । ବିକଶିତ ଭାରତ ଜି ରାମ ଜି-୨୦୨୫ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ପ୍ରକଳ୍ପ ଗ୍ରାମ ସଭାର ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଥଲେ । ବିଧାୟକ ଆହୁରି ପ୍ରକାଶ କଲେ ଯେ ଆବଶ୍ୟକତା ଅନୁଯାୟୀ ସମସ୍ତ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଲାଇନ୍ ଡିପାର୍ଟମେଣ୍ଟ ମାନଙ୍କୁ ସରକାରଙ୍କ ଦ୍ୱାରା ପାଣ୍ଠି ଉପଲବ୍ଧ କରାଯିବ । ମଧ୍ୟାହ୍ନ ଭୋଜନ ବିରତି ପରେ ବିକଶିତ ଭାରତ ଜି ରାମ ଜି-୨୦୨୫ ଉପରେ ବିଶଦ ଭାବେ ଆଲୋଚନା କରାଗଲା ଓ ଶେଷରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ସଭା ସାଙ୍ଗ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିକଶିତ ଭାରତ ଜି ରାମ ଜି-୨୦୨୫ ଉପରେ ବ୍ୟାପକ ଜନ ସଚେତନତା ପାଇଁ ଏହି ଜନସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

## ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସ ତରଫରୁ ଦସ୍ତଖତ ଅଭିଯାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରଦେଶ ମହିଳା କଂଗ୍ରେସର ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଗ୍ରେସ ତରଫରୁ ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ପଡିଆ ସମ୍ମିଳନୀ କକ୍ଷରେ ମହିଳାମାନଙ୍କର ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଏବଂ ସେଥିରେ ଏସ୍.ସି., ଏସ୍.ଟି ଓ ଓ.ବି.ସି. ମହିଳାଙ୍କୁ ସାମିଲ୍ କରିବା ପାଇଁ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହ ପ୍ରଦେଶ ମହିଳା କଂଗ୍ରେସର ସମ୍ପାଦିକା ଜୟସ୍ମିତା ମହାନ୍ତି ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବରେ ମନୋନିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସର କର୍ମକର୍ତ୍ତା ଓ ବ୍ଲକ୍,



ଏନ୍.ଏ.ସି. ସଭାପତିଙ୍କ ନାମ ଘୋଷଣା କରାଯାଇଛି ଏବଂ ଆଗାମୀ ଦିନରେ ସରକାର ମହିଳା ମାନଙ୍କ ପ୍ରତି କରୁଥିବା ଅବହେଳା ଓ ଅନ୍ୟାୟ ପ୍ରତିବାଦରେ ସମଗ୍ର ଜିଲ୍ଲାରେ ସ୍ୱର ଉତ୍ତୋଳନ କରିବା ପାଇଁ ଦସ୍ତଖତ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବାର ନିଷ୍ପତ୍ତି ନିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ୍, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି ରଞ୍ଜିତା ଯୋଶୀ, ମହିଳା କଂଗ୍ରେସର ଉପସଭାପତି ବୃନ୍ଦାବତି ମହାପାତ୍ର, ପ୍ରଭାରୀ ବାସନ୍ତି ସାମଲ, ସୁଲୋଚନା ମୁର୍ମୁ, ସୋମବାରୀ ସରେନ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସବିତା ନାୟକ, ସଂଯୁକ୍ତା ଧୁନକି, ହରପ୍ରିୟା ବାରିକା, ଯାହିଦା ଅହମଦ, ମୋନାଲିସା ସରେନ, ଶୁଭଶ୍ମିତା ଦାସ, ଛବିରାଣୀ ବାରିକ, ଇନ୍ଦୁମତି ମହାନ୍ତି, ପାୟଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାରବାଟିଆ ଘୋଷଯାତ୍ରା ପାଇଁ ସମନ୍ୱୟ ବୈଠକ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଚାରବାଟିଆ ସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ସୁପରିଚାଳନା ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ତଥା ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଯାତ୍ରା ସୁପରିଚାଳନା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିବେଦନ କରିଥିଲେ । ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସ, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ, ଆର୍ ଆଣ୍ଡ ବି ଏସ୍‌ଡିଓ ଶୁଭମ୍ ସରୋଜ ତ୍ରିପାଠୀ, ଅତିରିକ୍ତ ବନପାଳ ସ୍ୱୟଂପ୍ରଜ୍ଞା ଜେନା, ସ୍ୱର୍ଣ୍ଣମୟୀ ସାହୁ, ଜନସ୍ୱାସ୍ଥ୍ୟ ବିଭାଗର ଦୀପଙ୍କର ଜେନା, ପ୍ରିୟଦର୍ଶିନୀ ଶତପଥୀ, ଟାଟା ପାୱାରର ଏସ୍‌ଡିଓ ବିଶ୍ୱ ରଞ୍ଜନ ଦେହୁରୀ, ଅଭିଜିତ ନାୟକ, ଅଗ୍ନିଶମ ବିଭାଗର ପ୍ରଦୀପ୍ତ ଲେଙ୍କା ପ୍ରମୁଖ ବିଭାଗୀୟ ଅଧିକାରୀ ବୃନ୍ଦ, କାଉନ୍ସିଲର୍ ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ଘୋଷଯାତ୍ରା ସୁପରିଚାଳନାରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ମୀନକେତନ ପଣ୍ଡା ସ୍ୱାଗତ ଭାଷଣ ଓ କାଉନ୍ସିଲର୍ ସୁବ୍ରତ କୁମାର ସାମଲ୍ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତାପ କିଶୋର ସାମଲ, ବୈଷ୍ଣବ ଚରଣ ପ୍ରଧାନ, ଅଜୟ କୁମାର ସ୍ୱାଇଁ, ବିରଜା ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯାଜପୁର ଜିଲ୍ଲା ସ୍ତରରେ 'ଭିବି-ଜି ରାମ ଜି' ଯୋଜନାର ଶୁଭାରମ୍ଭ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରରେ 'ବିକଶିତ ଭାରତ - ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ)' ଅର୍ଥାତ୍ 'ଭିବି-ଜି ରାମ ଜି' କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ସମାବେଶ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ଆୟୋଜନ ଓ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଆନ୍ଧ୍ରପ୍ରଦେଶରୁ ସିଧାସଳଖ ପ୍ରସାରିତ ହୋଇଥିବା ଜାତୀୟ ସ୍ତରୀୟ ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗଦେଇ କହିଲେ ସମଗ୍ର ଭାରତ ବର୍ଷରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ୧ ଜୁଲାଇ ୨୦୨୬ ଠାରୁ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଲାଗୁ ହେଉଥିବା ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ଆଇନଗତ ମଜୁରୀ ଭିତ୍ତିକ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ କରାଯିବା ସହ ଦୈନିକ ମଜୁରୀ ବାବଦକୁ ୩୦୦ ଟଙ୍କା ପ୍ରଦାନ କରାଯିବ । ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି । ପଞ୍ଚାୟତ ସ୍ତରରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ ଗୁଡିକୁ



ଗ୍ରହଣ କଲେ ଗ୍ରାମାଞ୍ଚଳର ଉନ୍ନତି ହେବା ସହ ପଞ୍ଚାୟତର ଆର୍ଥିକ ବିକାଶ ହୋଇପାରିବ । ଜଳ ସୁରକ୍ଷା, ମୂଳ ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ସୃଷ୍ଟି ଏବଂ ଚରମ ପାଣିପାଗ ବିପର୍ଯ୍ୟୟ ପ୍ରଶମନ ମାଧ୍ୟମରେ ସଶକ୍ତ ଓ ସମୃଦ୍ଧ ଗ୍ରାମ ଗଠନ କରିବା ଏହି ଯୋଜନାର ଲକ୍ଷ୍ୟ । ସମସ୍ତଙ୍କର ସହଭାଗିତା ରହିଲେ ଏହି ଯୋଜନା ନିଶ୍ଚିତ ଫଳପ୍ରଦ ହୋଇପାରିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାରେ ଆୟୋଜିତ ଏହି ମୂଳ ମେଗା କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମୀଣ ବିକାଶ ତଥା କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ରୋଜଗାରର ଅଧିକାରକୁ ସୁନିଶ୍ଚିତ କରିବା ସହ ବାର୍ଷିକ କାର୍ଯ୍ୟ ଦିବସକୁ ୧୦୦ ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଥିବା ଘୋଷଣା କରିଥିଲେ । ଯାଜପୁର ଜିଲ୍ଲାସ୍ତରୀୟ ଏହି ପ୍ରେକ୍ଷାଳୟରେ ଉପସ୍ଥିତ ଥିବା ବହୁ ସଂଖ୍ୟକ ସରକାରୀ ପଦାଧିକାରୀ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଜନସାଧାରଣ ସିଧାପ୍ରସାରଣ ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଶୁଣିବା ସହ ନୂତନ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ ହୋଇଥିଲେ ।



## ଜୁଲାଇ ୬ରୁ ଏଫ୍‌ଏମ୍‌ୟୁର ୨୮ତମ ପ୍ରତିଷ୍ଠା ଦିବସ

**ବାଲେଶ୍ୱର, ନ୍ୟୁଜ୍**

ଜୁଲାଇ ୧୧ ତାରିଖରେ ପାଳନ ହେବାକୁ ଯାଉଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଶିକ୍ଷାନୁଷ୍ଠାନିକ, ସାଂସ୍କୃତିକ, ସାମାଜିକ ସଚେତନତା ଓ ଜନସେବା ଭିତ୍ତିକ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ଉତ୍ସବର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୁଳପତି ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବା ସହ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ସମସ୍ତ ସହଭାଗୀଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଉତ୍ସବର ବିଭିନ୍ନ ପର୍ଯ୍ୟାୟର ସୁପରିଚାଳନା ପାଇଁ ପୃଥକ୍ ପୃଥକ୍ କମିଟି ଗଠନ କରାଯିବା ସହ ବିସ୍ତୃତ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଇଛି । ଜୁଲାଇ ୬ ତାରିଖରେ ମିତ୍ରପୁର ନିକଟସ୍ଥ ମଛୁଆ ଠାରେ ବୃହତ୍ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏବଂ 'ଉନ୍ନତ ଭାରତ ଅଭିଯାନ'ର ଶୁଭାରମ୍ଭ ସହ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ରକ୍ତହୀନତା ପରୀକ୍ଷା ଶିବିର ଆୟୋଜିତ ହେବ । ଜୁଲାଇ ୭ରେ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତା ସହ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜୁଲାଇ ୮ରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ପୁରାତନ ପରିସରରୁ ନୂତନ ପରିସର ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ଆୟୋଜିତ ହେବ । ଜୁଲାଇ ୯ରେ ପ୍ରାକ୍ତନ ଛାତ୍ରଛାତ୍ରୀ ସମ୍ମିଳନୀ ସହ ଭାଷା ବିକାଶ ଆନ୍ଦୋଳନ ଏବଂ ସର୍ମାଜନୀ ଦାସ କଥାର ମିଳିତ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜୁଲାଇ ୧୦ରେ ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ ପ୍ରତିଯୋଗିତା, ରକ୍ତଦାନ ଶିବିର ଏବଂ ଲୋକକଳା ଦଳଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ । ଜୁଲାଇ ୧୧ରେ ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ, ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଏବଂ ସାହିତ୍ୟ ଆସର ମାଧ୍ୟମରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯିବ । କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପରିବାରର ସମସ୍ତ ସଦସ୍ୟ, ଆମନ୍ତ୍ରିତ ଅତିଥି, ବୁଦ୍ଧିଜୀବୀଗଣ, ଶିକ୍ଷାବିତ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବକୁ ସ୍ମରଣୀୟ ତଥା ସଫଳ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି ।

## ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଶାନ୍ତିପୂର୍ଣ୍ଣ ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସାମାଜିକ ଅନୁଷ୍ଠାନ ସିଫା ସୋସିଆଲ୍ ୱେଲ୍‌ଫେୟାର ଏବଂ ଏଜୁକେସନାଲ୍ ସୋସାଇଟି ପକ୍ଷରୁ ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଶାନ୍ତିପୂର୍ଣ୍ଣ ସମାବେଶ ଉପରେ ଏକ ସର୍ବ ଧର୍ମ ସମ୍ମିଳନୀ ହାଇସ୍କୁଲ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସବିର୍ ହୁସେନ୍‌ଙ୍କ ଅଧକ୍ଷତାରେ ଏହି ସମାବେଶରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା, ସଦ୍‌ଭାବ, ଏକତା ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନର ଭାବନାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପରମବୀର ଚକ୍ର ବିଜେତା ଅବଦୁଲ୍ ହମିଦ୍‌ଙ୍କ ଜନ୍ମ ବାର୍ଷିକ ପାଳନ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଆଶୀଷ କୁମାର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଅବଦୁଲ୍ ସଲାମ୍, ଗୁଲାମ ମୁସ୍ତଫା, ଧ୍ରୁବ ନାୟକ, ଦୀନବନ୍ଧୁ ନାୟକ, ପ୍ରଦୀପ ଦାସ ଏବଂ ଆଚାର୍ଯ୍ୟ ବିବେକାନନ୍ଦ ଅବଧୂତ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ବକ୍ତାମାନେ ବିବିଧତା ମଧ୍ୟରେ ଏକତାର ଭାରତ ସର୍ବୋତ୍ତମ ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ । ଧର୍ମ, ଜାତି ଏବଂ ଧର୍ମକୁ ଅତିକ୍ରମ କରି ମାନବିକତା, ପ୍ରେମ, ପାରସ୍ପରିକ ସମ୍ମାନ ଏବଂ ଭାତୃତ୍ୱର ବାର୍ତ୍ତା ବାଣ୍ଟିଥିଲେ । ବକ୍ତାମାନେ ବୀର ଅବଦୁଲ୍ ହମିଦ୍‌ଙ୍କ ବିରତ୍ୱପୂର୍ଣ୍ଣ ସାହାସ ଓ ଦେଶ ପ୍ରେମ ଏବଂ ସାହାସୀକତାର ପରିଚାଳନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଏମ୍‌ଡି ମୁସ୍ତକିମ୍, ସୟଦ୍ ମୁକ୍ତାର ଅଲ୍ଲୀ, ହାଫିଜ୍‌ଉଲ୍ଲା ପ୍ରମୁଖ ସହଯୋଗ କରିଥିଲେ ।

# ଫାଷ୍ଟଫୁଡ୍‌ରେ ବିଷାକ୍ତ ରଙ୍ଗକୁ ନେଇ ଗ୍ରାହକ ଚିନ୍ତିତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ୧୪ ବ୍ଲକ ଓ ପୌରାଞ୍ଚଳ ସହ ବିଭିନ୍ନ ଗାଁ ମାନଙ୍କରେ ସବୁଠି ଏବେ ସ୍ୱାଦ ବଦଳାଇଛି ଫାଷ୍ଟଫୁଡ । ଚାଟ୍, ଗୁପ୍‌ଚୁପ୍, ଚାଓମିନ୍, ରୋଲ୍, ଚିକେନ୍ ପକୋଡ଼ା ଏବଂ ବିରିୟାନୀ ଭଳି ଖାଦ୍ୟ ପ୍ରତି ଲୋକଙ୍କ ଆକର୍ଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ହେଲେ ଏହି ସ୍ୱାଦିଷ୍ଟ ଖାଦ୍ୟ ପଛରେ ଲୁଚି ରହିଛି ମାରାତ୍ମକ ବିଷ । ଅଧିକାଂଶ ଫାଷ୍ଟଫୁଡ୍ ଦୋକାନରେ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ପରସା ଯାଇଥିବାବେଳେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବହାର କରଯାଉଛି ମାରାତ୍ମକ କେମିକାଲ୍‌ଯୁକ୍ତ ବିଷାକ୍ତ ରଙ୍ଗ ଏବଂ ନିମ୍ନମାନର ସାମଗ୍ରୀ । ଅନ୍ୟପକ୍ଷରେ ରାସ୍ତାକଡ଼ରେ ଖୋଲାଯାଇଥିବା ଅଧିକାଂଶ ଷ୍ଟଲ୍‌ରେ ସ୍ୱାସ୍ଥ୍ୟ ରକ୍ଷା ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଉଛି । ନାଳ ନର୍ଦ୍ଦମା କଡ଼ରେ



ଦୋକାନ ଖୋଲାଯିବା ସହିତ ଖାଦ୍ୟ ସାମଗ୍ରୀକୁ ଘୋଡ଼ାଇ ନରଖିବାରୁ ସେଥିରେ ଧୂଳି ସହ ମାଛି ବସୁଛନ୍ତି । କୋରପୁଟ ଜିଲ୍ଲାର ଜୟପୁର, ସେମିଳିଗୁଡ଼ା, କୋରାପୁଟ, ବୋରିଗୁମ୍ମା, କୋଟପାଡ଼, ଲକ୍ଷ୍ମୀପୁର, ବୈପାରିଗୁଡ଼ା, ଲମତାପୁଟ, ସୁନାବେଢାରେ ଫାଷ୍ଟଫୁଡ୍ ଦୋକାନ ଜୋର୍ ସୋର୍‌ରେ ଚାଲିଛି । ଏହାକୁ ନେଇ ସାଧାରଣ ଗ୍ରାହକ ଓ ଅଭିଭାବକ ମହଲରେ ଗଭୀର ଚିନ୍ତା ପ୍ରକଶ ପାଇଥିବାବେଳେ, ପ୍ରଶାସନ ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନିଷ୍କ୍ରିୟତା ଏବେ ସନ୍ଦେହର ବଳୟ ଭିତରକୁ ଆସିଛି । ଖବରରୁ ପ୍ରକାଶ ଯେ, ଖାଦ୍ୟକୁ ଅଧିକ ନାଲି ଓ ଚମକଦାର ଦେଖାଇବା ପାଇଁ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନ ବିଶେଷକରି ଚିକେନ୍ ଚିଲି, ଚାଓମିନ୍ ଓ ମଞ୍ଚୁରିଆନ୍‌ରେ ନିଷିଦ୍ଧ ସିନ୍ଥେଟିକ୍ ରଙ୍ଗ ମନଇଚ୍ଛା ବ୍ୟବହାର କରାଯାଉଛି । ଏହାସହିତ ସ୍ୱାଦ ବଢ଼ାଇବା ପାଇଁ ଅତ୍ୟଧିକ ପରିମାଣର ଅଜିନୋମୋଟୋ ଓ ବାସି ତେଲର ପୁନଃ ବ୍ୟବହାର ହେଉଛି । ଡାକ୍ତରଙ୍କ ମତରେ, ଏହି ବିଷାକ୍ତ ରଙ୍ଗ ଓ କେମିକାଲ୍ ଶରୀର ଭିତରକୁ ଯାଇ ପେଟ ରୋଗ, କିଡ୍‌ନୀ ସମସ୍ୟା, ଲିଭର୍ ଖରାପ ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧି ସୃଷ୍ଟି କରୁଛି । ସବୁଠାରୁ ବେଶୀ ପ୍ରଭାବିତ ହେଉଛନ୍ତି କୋମଳମତି ଶିଶୁ ଓ ଛାତ୍ରଛାତ୍ରୀ । ତାସହିତ ପ୍ଲେଟ୍ ଧୋଇବା ପାଇଁ ବ୍ୟବହାର କରାଯାଉଥିବା ପାଣି ଅତ୍ୟନ୍ତ ଅପରିଷ୍କାର ଥିବା ଦେଖିବାକୁ ମିଳୁଛି । ଦୋକାନୀମାନେ ହାତରେ ଗ୍ଲୋବ, କିମ୍ବା କ୍ୟାପ୍ ନପିନ୍ଧି ଅସ୍ୱାସ୍ଥ୍ୟକର ଭାବେ ଖାଦ୍ୟ ପରଷୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗ୍ରାହକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସରକାର ଖାଦ୍ୟ ନିରାପତ୍ତା ବିଭାଗ ଗଠନ କରିଛନ୍ତି । ନିୟମିତ ଚଢ଼ଉକରି ଖାଦ୍ୟର ମାନ ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅଧିକାରୀମାନଙ୍କ ଦାୟିତ୍ୱ । ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ସହର ବଜାରରେ ଏଭଳି ବେଆଇନ୍ କରିବାର ଚାଲିଥିଲେ ସୁଦ୍ଧା ଖାଦ୍ୟ ନିରାପତ୍ତା ଅଧିକାରୀମାନେ ନୀରବରେ ରହିଛନ୍ତି ଓ କେବଳ ପର୍ବପର୍ବାଣୀ କିମ୍ବା କୌଣସି ବଡ଼ ଘଟଣା ଘଟିଲେ ଲୋକ ଦେଖାଣିଆ ଚଢ଼ଉ କରି ବିଭାଗ ନିଜ କର୍ତ୍ତବ୍ୟ ଶେଷ କରୁଛି । କୋରାପୁଟ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଏହି ଜୀବନଘାତୀ କାରବାର ଉପରେ ତୁରନ୍ତ ରୋକ୍ ଲଗାଇବାକୁ ଗ୍ରାହକମାନେ ଦାବି କରିଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ଯଦି ତୁରନ୍ତ ଖାଦ୍ୟ ନିରାପତ୍ତା ବିଭାଗ ସଚେତନ ନହୁଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ସାସ୍ଥ୍ୟ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଇଛି । ତେଣୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଇ ଚଢ଼ଉ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଓଡ଼ିଶା ପାଇଁ ଗୌରବ ଆଣିଛି ଶିଶୁ ଚଳଚ୍ଚିତ୍ର 'ଫୁଲଫୁଟି ମହକିଲା'

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ, ୨୦୨୩ ମସିହା ନିମନ୍ତେ ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ଭାବ 'ଫୁଲଫୁଟି ମହକିଲା'କୁ ସମ୍ମାନିତ କରାଯାଇଛି । ଜୁନ୍ ୨୬ ତାରିଖ ଲୋକସେବା ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ସମ୍ମାନଟିକୁ ଚଳଚ୍ଚିତ୍ରର କାହାଣୀ, ସଂଳାପ, ଚିତ୍ରନାଟ୍ୟକାର, ପ୍ରଯୋଜକ ଓ ନିର୍ଦ୍ଦେଶକ ଡକ୍ଟର ତ୍ରିଲୋଚନ ଖୁଣ୍ଟିଆ ଗ୍ରହଣ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ 'ଫୁଲଫୁଟି ମହକିଲା' ଶିଶୁ ଚଳଚ୍ଚିତ୍ରଟି ଉଲ୍ଲେଖନୀୟ କୃତିତ୍ୱ ଅର୍ଜନକରି ଓଡ଼ିଶା ପାଇଁ ଗୌରବ ଆଣି ଦେଇଛି । ଏହି ଓଡ଼ିଆ ଚଳଚ୍ଚିତ୍ରଟିରେ କଳାକାର ମାନଙ୍କ ଶ୍ରେଷ୍ଠ କଳାକୌଶଳତା ଓ ବଳିଷ୍ଠ କାର୍ଯ୍ୟ ଦକ୍ଷତା ପାଇଁ ସମ୍ଭବ ହୋଇପାରିଛି । ଏହି ଶିଶୁ ଚଳଚ୍ଚିତ୍ର ଫୁଲ ଫୁଟି ମହକିଲା ସିଲ୍‌ଭରସିଟି ଇଣ୍ଟରନ୍ୟାସ୍‌ନାଲ୍ ଫିଲ୍ମ ଫେଷ୍ଟିଭାଲ୍ ୨୦୨୪, ରାଉରକେଲା ଫିଲ୍ମ ଫେଷ୍ଟିଭାଲ୍ ୨୦୨୪, ସିନେ ଫୋକସ୍ ଫିଲ୍ମ ଫେଷ୍ଟିଭାଲ୍ ୨୦୨୪, ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ୨୦୨୫ ଇତ୍ୟାଦି ସମ୍ମାନ ଜନକ ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର ଲାଭ କରିପାରିଛି । ଆଜି PWD IB, କଟକ ସ୍ଥିତ ଓ.ଏମ୍.ପି. ଡାକବଙ୍ଗଳା ଠାରେ ଫୁଲ ଫୁଟି ମହକିଲା ପରିବାରର ତରଫରୁ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଚଳଚ୍ଚିତ୍ରରେ କାର୍ଯ୍ୟ କରିଥିବା ସମସ୍ତ କଳାକାର ଓ ଟେକ୍ନିସିଆନ୍ ମହାନଙ୍କୁ 'ପ୍ରତିଭା କ୍ରିଏଟିଭ୍ ଆର୍ଟସ୍' ପ୍ରଯୋଜନା ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ ବିଭୁତି ଭୂଷଣ ଭାରତ ସମସ୍ତ କାର୍ଯ୍ୟଭାର ସଂଯୋଜନା କରିଥିବା ବେଳେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଶିଶୁ ଚଳଚ୍ଚିତ୍ର ପ୍ରୋଜକ ଡକ୍ଟର ତ୍ରିଲୋଚନ ଖୁଣ୍ଟିଆଙ୍କୁ କର୍ମଜୀବୀ ସାମ୍ବାଦିକ ସଂଘ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଜାତୀୟ ପରିଷଦ ସଦସ୍ୟ ଅଭିଷେକ କେଶରୀ ସିଂ, ବରିଷ୍ଠ ସାମ୍ବାଦିକ ସୁରେଶ ଦାସ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଦୀପ କୁମାର ନାୟକଙ୍କ ସହ ସଂଘର କର୍ମକର୍ତ୍ତାମାନେ ଶ୍ରୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ କପିଳ ଦେବଙ୍କ ପରାମର୍ଶ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର କିମ୍ବଦନ୍ତୀ ପୁରୁଷ ତଥା ୧୯୮୩ ବିଶ୍ୱକପ୍ ବିଜେତା ଅଧିନାୟକ କପିଳ ଦେବ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି। ବିସ୍ମୟ ବାଳକ ବୈଭବଙ୍କୁ ସେ ପ୍ରଶଂସା କରିଛନ୍ତି। ଏଥି ସହିତ ସେ ଚିନ୍ତା ପ୍ରକଟ ମଧ୍ୟ କରିଛନ୍ତି। ସେ କହିଛନ୍ତି, ବୈଭବ ହେଉଛନ୍ତି ଜଣେ ଅସାଧାରଣ ପ୍ରତିଭା। କିନ୍ତୁ ଏତେ କମ୍ ବୟସରେ ତାଙ୍କ ଉପରେ ଆବଶ୍ୟକତା ଠାରୁ ଅଧିକ ବୋଝ ପକାଇବା ଉଚିତ ନୁହେଁ।

ଜାତୀୟ ଗଣମାଧ୍ୟମ ତରଫରୁ କପିଳ ଦେବଙ୍କୁ ଯେତେବେଳେ ପଚରାଗଲା ଯେ, ବୈଭବଙ୍କୁ କେମିତି ଦେଖନ୍ତି ? କିମ୍ବଦନ୍ତୀ କ୍ରିକେଟର ଉତ୍ତରରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବଡ଼ ପ୍ରତିଭାର ଅଧିକାର। ଏଥିରେ କୌଣସି ସନ୍ଦେହ କରାଯାଇପାରିବ ନାହିଁ। କିନ୍ତୁ ମୁଁ ଭାବୁଛି, ଆମେ ତାଙ୍କ ବିଷୟରେ ବହୁତ ବଡ଼ବଡ଼ କଥା କହୁଛେ। ତାଙ୍କୁ ଟିକେ ସମୟ ଦିଆଯିବା ଉଚିତ। ତାଙ୍କର ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ। କାରଣ ସେ ଚାପରେ ପଡ଼ିଯିବେ।

କପିଳ ଦେବ କହିଛନ୍ତି, ବୈଭବଙ୍କ ପ୍ରତିଭାର ତୁଳନା ଭାରତୀୟ କ୍ରିକେଟର ୨ଜଣ ସବୁଠୁ ବଡ଼ ନାମଙ୍କ ସହିତ କରାଯାଇପାରିବ। ସେ କହିଛନ୍ତି ଯେ, ପ୍ରତିଭା ମାମଲାରେ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲିଙ୍କ ଭଳି ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ମଧ୍ୟ ଦକ୍ଷତା ରହିଛି। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଦର୍ଶନ କୌଣସି ଖେଳାଳିଙ୍କ ମହାନତାର ପରିଚୟ ଦେଇଥାଏ। ଯଦି ପ୍ରତିଭାର କଥା କହିବା, ସେ ସଚିନ ଏବଂ ବିରାଟ କୋହଲିଙ୍କ ଭଳି। ତାଙ୍କ ପାଖରେ ଅଦ୍ଭୁତ କ୍ଷମତା ରହିଛି।

କପିଳ ଦେବଙ୍କ ଅନୁସାରେ ବୈଭବ ସୂର୍ଯ୍ୟବଂଶୀ ଟି୨୦ କ୍ରିକେଟରେ ନିଜର ଦକ୍ଷତା ପ୍ରମାଣିତ କରିସାରିଛନ୍ତି। ଏତେ କମ ବୟସରେ ସେ ଯେଉଁ ଭଳି ଭାବରେ ଖେଳିଛନ୍ତି, ଏହା ବିରଳ। ଟି୨୦ କ୍ରିକେଟର ସେ ନିଜକୁ ପ୍ରମାଣିତ କରିସାରିଛନ୍ତି। ଏତେ କମ ବୟସରେ ଯେଉଁଭଳି ଭାବରେ ପ୍ରଭାବ ଦେଖାଇଛନ୍ତି, ବିଶ୍ୱରେ ଏଭଳି ଉଦାହରଣ ମିଳିବା ସହଜ ନୁହେଁ। କିନ୍ତୁ କ୍ରିକେଟର ପ୍ରକୃତ ପରୀକ୍ଷା ଦୀର୍ଘକାଳୀନ ଫର୍ମାଟରେ ହୋଇଥାଏ। ବୈଭବ ଯେତେବେଳେ ଟେଷ୍ଟ କ୍ରିକେଟ୍ ଖେଳିବେ, ସେତେବେଳେ କେମିତି ପ୍ରଦର୍ଶନ କରୁଛନ୍ତି, ତାହା ଦେଖିବାର ଅଛି।

# ଦ୍ୱିତୀୟ ଟି-୨୦ : ଭାରତ ବିପକ୍ଷରେ ଇଂଲଣ୍ଡ ବିଜୟୀ




**ମଞ୍ଚେଷ୍ଟର**

ଭାରତ ବିପକ୍ଷରେ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲାରେ ବିଜୟୀ ହୋଇଛି। ଇଂଲଣ୍ଡର ମଞ୍ଚେଷ୍ଟରସ୍ଥିତ ଓଲ୍ଡ ଟ୍ରାଫୋର୍ଡରେ ୧୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ୬ଟି ୱିକେଟ୍ ହରାଇ ୧୯ ଓଭରରେ ପୂରା କରିଛି। ଘରୋଇ ମାଟିରେ ଭାରତକୁ ଇଂଲଣ୍ଡ ୪ ୱିକେଟ୍‌ରେ ପରାସ୍ତ କରିଛି।

ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟର ଫିଲିପ ସଲ୍ଟ ଏବଂ ଜୋସ ବଟଲର ଖାତା ଖୋଲିପାରି ନଥିଲେ। ତେଣୁ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା। ବିସ୍ଫୋରକ ବ୍ୟାଟର ଜାକୋବ ବେଥେଲ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୬ଟି ବଲ୍ ଖେଳି ୫ଟି ଚୌକା ଏବଂ ୫ଟି ଛକା ବଳରେ ଅପରାଜିତ ୭୬ ରନ୍ ସଂଗ୍ରହ କରିଥିଲେ। ହେରି ବ୍ରୁକ ଏବଂ ଟମ ବେନଟନ ୩୯ ରନ୍ ଲେଖାଏଁ କରିଥିଲେ।

ଏହି ମୁକାବିଲାରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ୍ ହରାଇ ୧୯୦ ରନ୍ କରିଥିଲା। ଭାରତର ଇନିଂସ ଆରମ୍ଭ କରିଥିଲେ ଯୁବ କ୍ରିକେଟ୍‌ର ଅଭିଷେକ ଶର୍ମା ଏବଂ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ଉଭୟ ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ। ଏହା ପରେ ଇଂଲଣ୍ଡର ପ୍ରଥମ ଶିକାର ହୋଇଥିଲେ ବୈଭବ। ସେ ୧୦ଟି ବଲ୍ ଖେଳି ୨ଟି ଛକା ବଳରେ ୧୪ ରନ୍ ସଂଗ୍ରହ କରିଥିଲେ। ବୈଭବଙ୍କ ପରେ ଅଭିଷେକ ମଧ୍ୟ ଅଧିକ ସମୟ ଖେଳି ପାରି ନଥିଲେ। ଭାରତ ସ୍କୋର ୬୫ ରନ୍‌ରେ ଅଭିଷେକଙ୍କୁ ହରାଇଥିଲା। ସେ ୨୪ଟି ବଲ୍ ଖେଳି ୮ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ।

ଭାରତ ତୃତୀୟ ୱିକେଟ ଭାବେ ଅଧିନାୟକ ଶ୍ରେୟସ ଆୟର ଏବଂ ଚତୁର୍ଥରେ ଶିଭମ ଦୁବେଙ୍କୁ ହରାଇଥିଲା। ଆୟର ୨୨ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୭ ରନ୍ ସଂଗ୍ରହ କରିଥିଲେ। ଶିଭମ ଦୁବେ ୭ଟି ବଲ୍ ଖେଳି ୫ରନ୍ କରିଥିଲେ। ଇଶାନ କିଶନ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୯ ରନ୍ ସଂଗ୍ରହ କରିଥିଲେ। ସେ ୪୦ଟି ବଲ୍ ଖେଳି ୬ଟି ଚୌକା ମାରିଥିଲେ। ଅକ୍ଷର ପଟେଲ ୩ଟି ବଲ୍ ଖେଳି ୨ ରନ୍ ଏବଂ ହର୍ଷିତ ରାଣା ୩ଟି ବଲ୍ ଖେଳି ୬ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସାମ କୁରାନ ସର୍ବାଧିକ ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୩୩ ରନ୍ ଖର୍ଚ୍ଚ କରିଥିଲେ ଏବଂ ୩ଟି ୱିକେଟ୍ ନେଇଥିଲେ। ଜୋଫ୍ରା ଆର୍ଚ୍ଚର, ୱିଲ୍ ଜ୍ୟାକ୍ ଏବଂ ଲିଆମ ଡସନ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍ ଉତ୍ସବରେ ରୀତା ଦେଖାଇବେ କମାଲ୍

**ଲଣ୍ଡନ**



ଗ୍ଲୋବାଲ୍ ମ୍ୟୁଜିକ୍ ତାରକା ରୀତା ଓରା ଏବଂ ମ୍ୟୁଜିକାଲ୍ ଗ୍ରୁପ୍ କ୍ଲିନ୍ ବାଣ୍ଡିଟ୍ ଚଳିତ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍ ଉତ୍ସବରେ କମାଲ ଦେଖାଇବେ। ଏହି ଫାଇନାଲ୍‌ରେ ଏମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ସ୍ଥାନୀୟ ସମୟ ଅପରାହ୍ଣ ୨.୩୦ରେ ହେବାକୁ ଥିବା ମ୍ୟାଚ୍ ପୂର୍ବ ଉଦ୍‌ଯାପନୀ ସମାରୋହରେ ରୀତା ଷ୍ଟେଜ୍‌ରେ ପ୍ରଦର୍ଶନ କରିବେ। ମ୍ୟାଚ୍ ଶେଷ ହେବା ପରେ ନୂଆ ବିଶ୍ୱବିଜେତା ସମ୍ମୁଖରେ ଇଲେକ୍ଟ୍ରୋନିକ ପପ୍ ଗ୍ରୁପ୍ କ୍ଲିନ୍ ବାଣ୍ଡିଟର ଷ୍ଟେଜ୍ କାର୍ଯ୍ୟକ୍ରମ ହେବ ବୋଲି ଆଇସିସି ସ୍ପଷ୍ଟ କରିଛି।

ମ୍ୟାଚ୍ ପୂର୍ବ ଉଦ୍‌ଯାପନୀ ସମାରୋହର ମଜା ଉଠାଇବା ପାଇଁ ଦର୍ଶକମାନଙ୍କୁ ଅପରାହ୍ଣ ୨ଟା ସୁଦ୍ଧା ଷ୍ଟାଡିୟମ୍‌ରେ ପହଞ୍ଚି ନିଜ ନିଜ ଆସନ ଗ୍ରହଣ କରିବା ଲାଗି ଅନୁରୋଧ କରାଯାଇଛି। ଐତିହାସିକ ଲର୍ଡସରେ ରବିବାର ଆୟୋଜକ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲର ଟିକେଟ୍ ବିକ୍ରି ଶେଷ ହୋଇଛି।

# ଆର୍ଜେଣ୍ଟିନା ଆଗେଇଲା, କେପ୍ ବର୍ଡେ ହୃଦୟ ଜିତିଲା

**ମିଆମି**



ମାତ୍ର ୫ ଲକ୍ଷ ୬୦ ହଜାର ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରୀୟ ଆଟଲାଣ୍ଟିକ୍ ମହାସାଗରୀୟ ଦେଶ କେପ୍ ବର୍ଡେ ଚଳିତ ଫିଫା ଫୁଟବଲ୍ ବିଶ୍ୱକପର ରାଉଣ୍ଡ ଅଫ୍ ୩୨ରୁ ବିଦାୟ ନେଇଛି, ହେଲେ ନିଜ ଲଢୁଆ ପ୍ରଦର୍ଶନ ବଳରେ ସମଗ୍ର କ୍ରୀଡ଼ା ଜଗତର ହୃଦୟ ଜିତି ନେଇଛି। ପ୍ରଥମ ଥର ବିଶ୍ୱକପ୍ ଖେଳୁଥିବା ଏହି ଦ୍ୱୀପ ରାଷ୍ଟ୍ର ବିଶ୍ୱବିଜେତା ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେବା ଚର୍ଚ୍ଚାର ବିଷୟ ହୋଇଛି। କେପ୍ ବର୍ଡେ ଶୁକ୍ରବାର ନିର୍ଦ୍ଧାରିତ ସମୟର ସ୍ଥିତିକୁ ୧-୧ରେ ରଖି ସମସ୍ତଙ୍କୁ ଚକିତ କରି ଦେଇଥିଲା। ହେଲେ ଅତିରିକ୍ତ ସମୟର ଆତ୍ମଘାତି ଗୋଲ୍ ପାଇଁ ଦୁର୍ଭାଗ୍ୟଜନକ ଭାବେ ୩-୨ ଗୋଲ୍‌ରେ ପରାଜିତ ହୋଇ ବିଦାୟ ନେଇଥିଲା। ମ୍ୟାଜିକ୍ ମ୍ୟାନ୍ ଲିଓନେଲ ମେସିଙ୍କ ଶକ୍ତିଶାଳୀ ଆର୍ଜେଣ୍ଟେନୀୟ ବାହିନୀ କେପ୍ ବର୍ଡେର ଅତି ବଢ଼ିଆ ପ୍ରଦର୍ଶନ ପାଇଁ ଅଳ୍ପକେ ବିପର୍ଯ୍ୟୟରୁ ବର୍ତ୍ତି କଷ୍ଟେମଷ୍ଟେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା।

ଶୁକ୍ରବାର ବିଳମ୍ବିତ ରାତିର ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ସହଜ ବିଜୟ ହାସଲ କରିବ ବୋଲି ସମସ୍ତେ ଆଶା ରଖିଥିଲେ। କେପ୍ ବର୍ଡେ କିନ୍ତୁ ଜବରଦସ୍ତ ଟକ୍କର ଦେଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେବାରୁ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ମଧ୍ୟ ଦୁଇଟି ଯାକ ଦଳ ଆଉ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଶେଷରେ ୧୧୧ତମ ମିନିଟ୍‌ରେ କେପ୍ ବର୍ଡେ ରକ୍ଷଣଭାଗ ଖେଳାଳି ଡିନେ ବୋର୍ଗେସ୍‌ଙ୍କ ଆତ୍ମଘାତୀ ଗୋଲ୍ ଆର୍ଜେଣ୍ଟିନାକୁ ୩-୨ର ରୋମାଞ୍ଚକର ବିଜୟ ଦେଇଥିଲା। ଏହି ବିଜୟ ସହ ଲିଓନେଲ୍ ମେସିଙ୍କ ଦଳ ଶେଷ ୧୬ ମଧ୍ୟରେ ସ୍ଥାନ ସୁରକ୍ଷିତ କରି ନେଇଥିଲା। ସେଠାରେ ତା'ର ମୁକାବିଲା ଇଜିପ୍ଟ ସହ ହେବ।

ଆର୍ଜେଣ୍ଟିନା ପକ୍ଷରୁ ୨୯ତମ ମିନିଟ୍‌ରେ ଅଧିନାୟକ ଲିଓନେଲ୍ ମେସି ପ୍ରଥମ ଗୋଲ୍ କରି ନିଜ ଦଳକୁ ଅଗ୍ରଣୀ କରାଇଥିଲେ। ଲିସାଣ୍ଡ୍ରୋ ମାର୍ଟିନେଜ୍‌ଙ୍କ ଲମ୍ବା ପାସ୍କୁ ଚମତ୍କାର ଭାବେ ନିୟନ୍ତ୍ରଣ କରି ମେସି ବଲ୍‌କୁ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଏହା ଥିଲା ଚଳିତ ବିଶ୍ୱକପ୍‌ରେ ତାଙ୍କର ସପ୍ତମ ଗୋଲ୍। ଦ୍ୱିତୀୟାର୍ଦ୍ଧରେ କେପ୍ ବର୍ଡେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୫୯ତମ ମିନିଟ୍‌ରେ ରିଆନ୍ ମେଣ୍ଡେସ୍‌ଙ୍କ ପାସ୍‌ରୁ ଡେରୋୟ ଡୁଆର୍ଟେ ଗୋଲ୍ କରି ସ୍କୋରକୁ ୧-୧ କରିଥିଲେ। ଏହାପରେ ଉଭୟ ଦଳର ଅନେକ ପ୍ରୟାସ ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ଆଉ ଗୋଲ୍ ହୋଇନଥିଲା। ଅତିରିକ୍ତ ସମୟର ୯୨ତମ ମିନିଟ୍‌ରେ ଲିସାଣ୍ଡ୍ରୋ ମାର୍ଟିନେଜ୍ ଜୋରଦାର ସଟ୍ ମାରି ଆର୍ଜେଣ୍ଟିନାକୁ ପୁଣି ୨-୧ରେ ଆଗୁଆ କରାଇଥିଲେ। ମାତ୍ର ୧୦୩ତମ ମିନିଟ୍‌ରେ ସିଡ୍‌ନି ଲୋପେସ୍ କାବ୍ରାଲ୍‌ଙ୍କ ଦର୍ଶନୀୟ କର୍ଣ୍ଣର ସଟ୍ ବଳରେ କେପ୍ ବର୍ଡେ ସ୍ଥିତି ପୁଣି ଥରେ ସମାନ ସ୍ତରକୁ ନେଇ ଆସିଥିଲା। ମ୍ୟାଚର ନିର୍ଣ୍ଣାୟକ ମୁହୂର୍ତ୍ତ ୧୧୧ତମ ମିନିଟ୍‌ରେ ଆସିଥିଲା। ମେସିଙ୍କ କର୍ଣ୍ଣର କିକ୍କୁ କ୍ରିଷ୍ଟିଆନ୍ ରୋମେରୋଙ୍କ ହେଡର୍ କେପ୍ ବର୍ଡେର ଡିଫେଣ୍ଡର ଡିନେ ବୋର୍ଗେସ୍‌ଙ୍କ ହାତରେ ବାଜି ଜାଲରେ ପ୍ରବେଶ କରିଥିଲା। ଏହି ଆତ୍ମଘାତୀ ଗୋଲ୍ ହିଁ ଆର୍ଜେଣ୍ଟିନାର ବିଜୟର କାରଣ ସାଜିଥିଲା।

# ଆମେରିକା ବିଶ୍ୱକପ୍ ଜିତିଲେ ଚନ୍ଦ୍ରକୁ ଯିବ ଫୁଟବଲ : ନାସା

**ୱାଶିଂଟନ**



ଚଳିତ ୨୦୨୬ ଫିଫା ବିଶ୍ୱକପ୍‌ରେ ଆମେରିକା ଦଳର ବିଜୟ ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ଅଭୁତ ଏବଂ ରୋମାଞ୍ଚକର ପ୍ରତିଶ୍ରୁତି ଦେଇଛି। ଯଦି ଆମେରିକା ପୁରୁଷ ଫୁଟବଲ ଦଳ ଚଳିତ ବିଶ୍ୱକପ ଟ୍ରଫି ହାସଲ କରେ, ତେବେ ସଂସ୍ଥା ପକ୍ଷରୁ ଚନ୍ଦ୍ରପୃଷ୍ଠକୁ ଏକ ଫୁଟବଲ ପଠାଯିବ ବୋଲି ନାସାର ପ୍ରଶାସକ ଜାରେଡ ଆଇଜାକ୍‌ମ୍ୟାନ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ଚନ୍ଦ୍ରପୃଷ୍ଠରେ ନାସାର ଆଗାମୀ ବେସ୍ ବା ଆବାସିକ ପ୍ରକଳ୍ପର ରୂପରେଖ ଉନ୍ମୋଚନ ଅବସରରେ ସେ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଯାଇ କହିଛନ୍ତି, 'ଏହା ଆମେରିକା ଦଳ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ, ଆପଣମାନେ କେବଳ ପଡ଼ିଆରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ, ଚନ୍ଦ୍ରକୁ ବଲ୍ ପଠାଇବା ଦାୟିତ୍ୱ ଆମର।'

ନାସାର ଏହି ଯୋଜନା ପଛରେ ମହାକାଶ ଇତିହାସର ଏକ ସ୍ମରଣୀୟ ଘଟଣା ଜଡ଼ିତ ରହିଛି। ୧୯୭୧ ମସିହାରେ ଆପୋଲୋ-୧୪ ଅଭିଯାନ ସମୟରେ ଆମେରିକୀୟ ମହାକାଶଚାରୀ ଆଲାନ ସେପାର୍ଡ ଗୋପନରେ ଚନ୍ଦ୍ରପୃଷ୍ଠକୁ ଏକ ଗଲ୍ଫ କ୍ଲବ ଏବଂ ଦୁଇଟି ଗଲ୍ଫ ବଲ ନେଇଯାଇଥିଲେ ଏବଂ ସେଠାରେ ଗଲ୍ଫ ଖେଳିଥିଲେ। ନାସା ମୁଖ୍ୟ ଆଇଜାକ୍ ମ୍ୟାନ୍ କହିଛନ୍ତି, ଏଥର ଆମେରିକା ଦଳ ବିଶ୍ୱକପ ଜିତିଲେ ସେମାନେ ଚନ୍ଦ୍ରପୃଷ୍ଠକୁ ଅସଲି ଫୁଟବଲ ପଠାଇ ଆଲାନ ସେପାର୍ଡଙ୍କ ରେକର୍ଡଠାରୁ ଆଉ ପାଦେ ଆଗକୁ ଯିବେ। ଆମେରିକା, ମେକ୍ସିକୋ ଏବଂ କାନାଡ଼ାର ମିଳିତ ଆୟୋଜନରେ ଚାଲିଥିବା ଏହି ଫୁଟବଲ ମହାକୁମ୍ଭରେ ଆମେରିକୀୟ ପୁରୁଷ ଦଳ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ନାସାର ମୁନ ବେସ୍ (ଚନ୍ଦ୍ର ଆବାସ) ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର କାର୍ଲୋସ ଗାର୍ସିଆ-ଗାଲାନ ଏହି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେରିକା ବିଶ୍ୱବିଜେତା ହେଲେ ନାସାର ଆଗାମୀ ମହାକାଶ ଯାନରେ ବୈଜ୍ଞାନିକ ଯନ୍ତ୍ରପାତି ସହିତ ଏହି ଫୁଟବଲକୁ ପଠାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯିବ। ଫୁଟବଲର ଓଜନ ବହୁତ କମ୍ ହୋଇଥିବାରୁ ଏହାକୁ ଚନ୍ଦ୍ରକୁ ନେବାରେ କୌଣସି ବୈଷୟିକ ସମସ୍ୟା ହେବ ନାହିଁ। ତେବେ ଏହା ପୂର୍ବରୁ ଖେଳାଳିମାନଙ୍କୁ ପଡ଼ିଆରେ କଠିନ ପଥ ଅତିକ୍ରମ କରିବାକୁ ହେବ ବୋଲି ସେ ହସି ହସି କହିଛନ୍ତି।

ଫୁଟବଲ ବିଶ୍ୱକପ ସହିତ ନାସାର ସମ୍ପର୍କ ନୂଆ ନୁହେଁ। ଏହାପୂର୍ବରୁ ମଧ୍ୟ ନାସା ପକ୍ଷରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍‌ଏସ୍) କୁ ବିଶ୍ୱକପ୍‌ର ଅଫିସିଆଲ ବଲ୍ ? ପ୍ରେରଣ କରାଯାଇଛି ଏବଂ ମହାକାଶଚାରୀମାନେ ପୃଥିବୀର କକ୍ଷପଥରେ ରହି ବିଶ୍ୱକପ୍ ମ୍ୟାଚ୍ ଗୁଡ଼ିକର ଆନନ୍ଦ ନେଇଛନ୍ତି। ସୂଚନାଯୋଗ୍ୟ, ଆମେରିକାର ମହିଳା ଫୁଟବଲ ଦଳ ସର୍ବାଧିକ ୪ ଥର ବିଶ୍ୱବିଜେତା ହେବାର ଗୌରବ ହାସଲ କରିଥିବା ବେଳେ ଆମେରିକୀୟ ପୁରୁଷ ଦଳ ଏପର୍ଯ୍ୟନ୍ତ କେବେ ମଧ୍ୟ ବିଶ୍ୱକପ ଜିତିବାରେ ସଫଳ ହୋଇନାହିଁ। ଏଭଳି ସ୍ଥିତିରେ ନାସାର ଏହି ଚନ୍ଦ୍ର ଅଭିଯାନର ଚ୍ୟାଲେଞ୍ଜ ଖେଳାଳିଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି।

# ହାର୍ଦ୍ଦିକଙ୍କ ପାଇଁ ପାଗଳ ଓଡ଼ିଆ ଫ୍ୟାନ୍ : ୨୦୦୦ କି.ମି ସାଇକେଲ ଚଳାଇ ପହଞ୍ଚିଲେ ବେଙ୍ଗାଲୁରୁ

**ନୂଆଦିଲ୍ଲୀ**



କ୍ରିକେଟ୍ ପ୍ରଶଂସକଙ୍କ ପାଗଳାମି କାହାକୁ ବା ଅଛପା! ଭାରତରେ ଅନେକ କ୍ରିକେଟ୍ ପ୍ରଶଂସକ କ୍ରିକେଟର ମାନଙ୍କୁ ନିଜର ଭଗବାନ ମଧ୍ୟ ମାନିଥାନ୍ତି। ଏହାର ଏକ ସଦ୍ୟ ଉଦାହରଣ ବର୍ତ୍ତମାନ ଦେଖିବାକୁ ମିଳିଛି। ଟିମ୍ ଇଣ୍ଡିଆର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଜଣେ ଓଡ଼ିଆ ପ୍ରଶଂସକଙ୍କ ଭଲପାଇବା ବର୍ତ୍ତମାନ ଇଣ୍ଟରନେଟ୍‌ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶାର ଜଣେ ଯୁବକ ହାର୍ଦ୍ଦିକଙ୍କୁ ଭେଟିବା ପାଇଁ ପ୍ରାୟ ୨୦୦୦ କିଲୋମିଟର ସାଇକେଲ୍ ଚଳାଇ ବେଙ୍ଗାଲୁରୁ ପହଞ୍ଚିଥିଲେ। ନିଜର ପ୍ରିୟ ଖେଳାଳିଙ୍କୁ ସାମ୍ନାରେ ଦେଖିବା ମାତ୍ରେ ସେହି ମୁହୂର୍ତ୍ତଟି ତାଙ୍କ ପାଇଁ ସ୍ମରଣୀୟ ହୋଇଯାଇ ଥିଲା। ହାର୍ଦ୍ଦିକ ମଧ୍ୟ ତାଙ୍କୁ ସମୟ ଦେଇ ତାଙ୍କର ଏହି ଯାତ୍ରାକୁ ଅବିସ୍ମରଣୀୟ କରାଇଛନ୍ତି।

ଦୀପକ ସିଂହାନିଆ ନାମକ ଏହି ପ୍ରଶଂସକ ଜଣକ ହାର୍ଦ୍ଦିକଙ୍କୁ ଭେଟିବା ପାଇଁ ଓଡ଼ିଶାରୁ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ସେ ମୁମ୍ବାଇ ଯାଇଥିଲେ, କାରଣ କେହି ତାଙ୍କୁ କହିଥିଲେ ଯେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇରେ ଅଛନ୍ତି। କିନ୍ତୁ ସେଠାରେ ହାର୍ଦ୍ଦିକ ନଥିବା ଜାଣିବା ପରେ ସେ ନିରାଶ ହୋଇଯାଇଥିଲେ। ପରେ ହାର୍ଦ୍ଦିକଙ୍କ ଗର୍ଲଫ୍ରେଣ୍ଡ ମାହିକା ଶର୍ମା ଦୀପକଙ୍କ ଏକ ଭିଡିଓରେ କମେଣ୍ଟ କରିଥିଲେ, 'ଆପଣ ବେଙ୍ଗାଲୁରୁ ଆସନ୍ତୁ, ମୁଁ ଆପଣଙ୍କୁ ତାଙ୍କ ସହ ଭେଟ କରାଇଦେବି।'

ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଭେଟିବା ପାଇଁ ଦୀପକ ପୁଣି ଥରେ ଉତ୍ସାହର ସହ ଓଡ଼ିଶାରୁ ବେଙ୍ଗାଲୁରୁ ଅଭିମୁଖେ ସାଇକେଲ ଚଳାଇ ବାହାରି ପଡ଼ିଥିଲେ। ପ୍ରାୟ ୧୨ ଦିନର କଠିନ ପରିଶ୍ରମ ପରେ ସେ ଶେଷରେ ହାର୍ଦ୍ଦିକଙ୍କୁ ଭେଟିବାରେ ସଫଳ ହୋଇଥିଲେ। ତାଙ୍କର ଏହି ସାଇକେଲ୍ ଯାତ୍ରା ସମୟ ମଧ୍ୟରେ ସେ ନିଜ ଇନଷ୍ଟାଗ୍ରାମ୍ ପେଜ୍‌ରେ କ୍ରମାଗତ ଭାବେ ଅପଡେଟ୍ ଦେଉଥିଲେ। ଯେଉଁଠାରେ ତାଙ୍କର ୮୫ ହଜାରରୁ ଅଧିକ ଫଲୋଅର୍ସ ଅଛନ୍ତି। ଦୀର୍ଘ ସଂଘର୍ଷ ପରେ ଦୀପକ ନିଜର ପ୍ରିୟ କ୍ରିକେଟର୍ ହାର୍ଦ୍ଦିକଙ୍କୁ ଭେଟିବାର ସୌଭାଗ୍ୟ ପାଇଥିଲେ। ସାକ୍ଷାତ ସମୟରେ ଦୀପକ ହାର୍ଦ୍ଦିକଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଏକ ମୂର୍ତ୍ତି ଉପହାର ଦେଇଥିଲେ ଏବଂ ତାଙ୍କୁ ଓଡ଼ିଆ ପରମ୍ପରାର ପ୍ରତୀକ ଏକ ହଳଦିଆ ଗାମୁଛା ପିନ୍ଧାଇଥିଲେ। ସେ ସାଇକେଲ୍‌ରେ ଯେଉଁ ବୋର୍ଡ ଲଗାଇଥିଲେ, ତାହା ମଧ୍ୟ ସେ ହାର୍ଦ୍ଦିକଙ୍କୁ ଦେଖାଇଥିଲେ। ଏହି ଭେଟଘାଟର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଜୋରଦାର ଭାଇରାଲ ହେଉଛି।

ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବ ଟ୍ୱିଟର)ରେ କେତେକ ୟୁଜର୍ ଦାବି କରିଥିଲେ ଯେ, ହାର୍ଦ୍ଦିକ ପାଣ୍ଡ୍ୟା ଦୀପକଙ୍କୁ ୧.୫ ଲକ୍ଷ ଟଙ୍କା ଦେବା ସହ ତାଙ୍କ ଯିବା-ଆସିବା ଖର୍ଚ୍ଚ ବହନ କରିଛନ୍ତି ଏବଂ ଏକ ମୂଲ୍ୟବାନ ଜୋତା ଉପହାର ଦେଇଛନ୍ତି। ତେବେ ଏକ ଗଣମାଧ୍ୟମ ସହ କଥା ହେବା ବେଳେ ଦୀପକ ଏହି ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ହାର୍ଦ୍ଦିକ ତାଙ୍କୁ କେବଳ ଗୋଟିଏ ଟି-ସାର୍ଟ ଦେଇଛନ୍ତି। ଟଙ୍କା ଦେବା ସମ୍ପର୍କିତ ସୂଚନା ସମ୍ପୂର୍ଣ୍ଣ ମିଥ୍ୟା। କିନ୍ତୁ ଭାଇରାଲ୍ ଭିଡିଓଟି ଏପର୍ଯ୍ୟନ୍ତ ୨ ଲକ୍ଷରୁ ଅଧିକ ଥର ଦେଖାସରିଲାଣି ଏବଂ ଅନେକ ଲୋକ ଏହାକୁ ସତ ବୋଲି ମଧ୍ୟ ଗ୍ରହଣ କରିନେଇଛନ୍ତି। ସୋସିଆଲ ମିଡିଆରେ ଅନେକ ଲୋକ ହାର୍ଦ୍ଦିକଙ୍କ ବ୍ୟବହାରକୁ ପ୍ରଶଂସା କରି ତାଙ୍କୁ ଜଣେ 'ଭଦ୍ରଲୋକ' ବୋଲି ସମ୍ବୋଧନ କରୁଛନ୍ତି। ସେହିପରି ଅନେକ ଏହାକୁ ନେଇ ଚିନ୍ତା ପ୍ରକଟ କରି କହୁଛନ୍ତି ଯେ, ଏହା ଏକ ଟ୍ରେଣ୍ଡରେ ପରିଣତ ହେବା ଉଚିତ ନୁହେଁ, କାରଣ ଏହା ଦ୍ୱାରା ଅନ୍ୟମାନେ ମଧ୍ୟ ଅଜବ ଉପାୟରେ ପ୍ରିୟ ଖେଳାଳିଙ୍କୁ ଭେଟିବାକୁ ଚେଷ୍ଟା କରିପାରନ୍ତି। ଜଣେ ୟୁଜର୍ ଦୀପକଙ୍କ ପୋଷ୍ଟରେ କମେଣ୍ଟ କରିଛନ୍ତି ଯେ, 'ହାର୍ଦ୍ଦିକ ମନରୁ ବହୁତ ଭଲ ମଣିଷ।' ଅନ୍ୟ ଜଣେ ଲେଖିଛନ୍ତି, 'ବର୍ତ୍ତମାନ ଏହା ଏକ ସମସ୍ୟା ପାଲଟିଯିବ।'

# ସବୁଜ ଭବିଷ୍ୟତ ପାଇଁ ଟାଟା ଷ୍ଟିଲ୍‌ର 'ସର୍କୁଲାର ଇକୋନୋମି'କୁ ପ୍ରୋତ୍ସାହନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ପ୍ରାକୃତିକ ପରିବେଶ ସହିତ ସମନ୍ୱୟ ରକ୍ଷା କରି ମଧ୍ୟ ଶିଳ୍ପାଞ୍ଚଳ ଗୁଡ଼ିକ ସମୃଦ୍ଧ ହୋଇପାରିବେ, ଏହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ଟାଟା ଷ୍ଟିଲ୍ କଳିଙ୍ଗନଗର। ଏହି ପ୍ଲାଣ୍ଟ ପରିସରର ପ୍ରାୟ ୩୩ ପ୍ରତିଶତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ସବୁଜ ବଳୟରେ ବିକଶିତ କରାଯାଇଛି, ଯାହା ମୂଳ ଶିଳ୍ପ କାର୍ଯ୍ୟକଳାପ ସହ ଜୈବ ବିବିଧତାକୁ ସୁନ୍ଦର ଭାବେ ଯୋଡ଼ି ପାରିଛି। ଏଠାରେ ୮,୨୪,୦୦୦ ରୁ ଅଧିକ ଚାରା ରୋପଣ କରାଯିବା ସହ ଅତ୍ୟାଧୁନିକ 'ମିୟାୱାକି' ପଦ୍ଧତିକୁ ଆପଣାଯାଇଛି। ଏହା ହେଉଛି ସହରାଞ୍ଚଳ ବନୀକରଣର ଏକ ଅଭିନବ ପ୍ରଣାଳୀ, ଯାହା ପାରମ୍ପରିକ ପଦ୍ଧତି ତୁଳନାରେ ପ୍ରାୟ ୧୦ ଗୁଣ ଶୀଘ୍ର ଅତି ଘଞ୍ଚ ତଥା ସ୍ୱୟଂ-ନିର୍ଭରଶୀଳ ସ୍ଥାନୀୟ ଜଙ୍ଗଲ ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ଇସ୍ପାତ କାରଖାନା ସହିତ ଏକ ଜୀବନ୍ତ ପରିବେଶ ପ୍ରଣାଳୀକୁ ମଧ୍ୟ ସୁଦୃଢ଼ କରୁଛି। ଟାଟା ପାୱାର ସହିତ ଏକ ସହଭାଗିତା ମାଧ୍ୟମରେ ଏଠାରେ ଏକ ଗ୍ରୀଡ୍-ସଂଯୁକ୍ତ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ଦ୍ୱିମୁଖୀ ଭିତ୍ତିଭୂମି କୌଶଳ ଆପଣା ଯାଇଛି। କାରଖାନାର ଛାତ ଉପରେ ୯.୧୨ ମେଗାୱାଟ୍ ପାୱାରର ରୁଫ୍‌ଟପ୍ ସୋଲାର ଏବଂ ଜଳାଶୟଗୁଡ଼ିକ ଉପରେ ଏକ ଅଭିନବ ୧୦.୧୦ ମେଗାୱାଟ୍ ପାୱାରର ଭାସମାନ ସୌର ପ୍ରକଳ୍ପ (ଫ୍ଲୋଟିଂ ପିଭି) ର ସମନ୍ୱୟ କରାଯାଇଛି। ଏଥିପାଇଁ କୌଣସି ଅତିରିକ୍ତ ଜମିର ଆବଶ୍ୟକତା ପଡ଼ିନଥିବା ବେଳେ ଏଥିରୁ ସର୍ବାଧିକ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରାଯାଇ ପାରୁଛି। ସେହିଭଳି, ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ (କାର୍ବନ ଫୁଟପ୍ରିଣ୍ଟ)କୁ ହ୍ରାସ କରାଯାଉଛି। କର୍ମଚାରୀମାନଙ୍କ ଦୈନନ୍ଦିନ ଯାତାୟାତ ପାଇଁ ଏବେ ୧୯ଟି ଇଲେକ୍ଟ୍ରିକ୍ କାର୍ ଏବଂ ୨୦ଟି ଇଲେକ୍ଟ୍ରିକ୍ ବସ ଚାଲୁଛି। ଏକ ସ୍ୱଚ୍ଛ ଓ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଣ୍ଟ ପରିସରରେ ଏକ ସ୍ୱତନ୍ତ୍ର 'ଇଭି ବସ୍ ଚାର୍ଜିଂ ୱେବ' ମଧ୍ୟ ନିର୍ମାଣ କରାଯାଇଛି।

# ତେନ୍ତୁଳିଗୁମ୍ମା ଜଙ୍ଗଲରେ ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ : ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**



କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅଧୀନ ତେନ୍ତୁଳିଗୁମ୍ମା ଜଙ୍ଗଲରେ କୋରାପୁଟ ଡିଭିଏଫ୍ ପକ୍ଷରୁ ଚଳା ଯାଇଥିବା ସର୍ଚ୍ଚ ଅପରେସନ ସମୟରେ ମାଓବାଦୀଙ୍କ ଏକ ବଡ଼ ଅସ୍ତ୍ର ଓ ବିସ୍ଫୋରକ ଭଣ୍ଡାର ଠାବ କରାଯାଇ ଥିବା ଶୁକ୍ରବାର ସ୍ଥାନୀୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚମାସ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଏହି ଚଢ଼ଉ କରାଯାଇଥିଲା। ପୋଲିସ ଜବତ ସାମଗ୍ରୀ ମଧ୍ୟରେ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ବିଭିନ୍ନ ଓଜନର ୧୧ଟି ଟିଫିନ୍ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱେୟାର, ୨୫ଟି ଡିଟୋନେଟର, ୨ଟି କ୍ୟାମେରା ଫ୍ଲାଶ ଲାଇଟ୍, ୫୦ ଗ୍ରାମ ଗନ୍‌ପାଉଡ଼ର ଏବଂ ୬ ରାଉଣ୍ଡ .୩୮ ବୋର ଗୁଳି ରହିଛି। ପୋଲିସର ସନ୍ଦେହ ଅନୁଯାୟୀ, ଏହି ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ସ୍ପେଶାଲ ଜୋନାଲ କମିଟିର ମାଓବାଦୀଙ୍କର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିଲା। ସୂଚନା ଥାଉକି, ୧୫ ଡିନ ତଳେ ବୈପାରୀଗୁଡ଼ା ବ୍ଲକର ବଦଳିପାହାଡ଼ ଅଞ୍ଚଳରୁ ଇନ୍‌ସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ୍ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍‌ପିଙ୍କ ସହ ଅତିରିକ୍ତ ଏସ୍‌ପି ମନୋଜ ପୂଜାରୀ ଏବଂ ଡିଭିଏଫ୍ ଯବାନ ଉପସ୍ଥିତ ଥିଲେ।



# ବିଭାଗୀୟ ମାମଲା ପରିଚାଳନାରେ ସହକାରୀ ନିର୍ଦ୍ଦେଶକ ବିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ପୂର୍ତ୍ତ ମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଆଇନ ବିଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ନୂଆ ଆଇନ ପ୍ରଣୟନଠାରୁ ଆରମ୍ଭ କରି ପୁରୁଣା ଆଇନରେ ଆବଶ୍ୟକ ସଂଶୋଧନ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କ୍ଷେତ୍ରରେ ଆଇନ ବିଭାଗ ସବୁବେଳେ କାର୍ଯ୍ୟକରି ଆସିଛି । ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକରେ ପଡ଼ି ରହିଥିବା ମାମଲାର ସଠିକ୍ ପରିଚାଳନା ଏବଂ ଆଇନଗତ ପରାମର୍ଶ ଦେବା କ୍ଷେତ୍ରରେ ସହକାରୀ ନିର୍ଦ୍ଦେଶକ ବିଧି(ଏ.ଡି.ଏଲ୍.)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଶନିବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଅନୁଷ୍ଠିତ ଏ.ଡି.ଏଲ୍. ଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗରେ ଥିବା ମାମଲାଗୁଡ଼ିକର ସ୍ଥିତି ଓ ଅଗ୍ରଗତି ବିଷୟରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ । ଏଥି ସହିତ ବିଭିନ୍ନ ମାମଲାଗୁଡ଼ିକୁ ପରିଚାଳନା କରିବା ଏବଂ ବିଭାଗକୁ ସଠିକ୍ ଆଇନଗତ ପରାମର୍ଶ ଦେବାରେ ଏଡିଏଲ୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପଡ଼ି ରହିଥିବା ମାମଲାର ତ୍ୱରିତ ସମାଧାନ ଏବଂ ମଧ୍ୟସ୍ଥତା ଆଇନର ସଠିକ୍ ଉପଯୋଗ କ୍ଷେତ୍ରରେ ଆଇନ ବିଭାଗ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଏ. ଡି. ଏଲ. ମାନେ ସେତୁ ଭଳି କାର୍ଯ୍ୟ କରିପାରିବେ । ବର୍ତ୍ତମାନ ସମୟରେ ଏଡିଏଲ୍‌ମାନଙ୍କ ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି । ତେଣୁ ନିଜର ଦକ୍ଷତା ବୃଦ୍ଧି କରି ସମୟୋପଯୋଗୀ ହେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ନୂତନ ନିଯୁକ୍ତି ଏବଂ କ୍ୟାଡର ପୁନର୍ଗଠନ ସହ ଲିଟିଗେସନ୍ ମ୍ୟାନେଜ୍‌ମେଂଟ ପଲିସି ପ୍ରଣୟନ ଓ ମାମଲାଗୁଡ଼ିକର ସଠିକ ପରିଚାଳନା ପାଇଁ ଏସ୍‌ଓପି ଜାରିନେଇ ସରକାର ଚିନ୍ତା କରୁଥିବା ନେଇ ସେ କହିଥିଲେ । ଏହି ଅବସରରେ ୨୦୨୫-୨୬ ବର୍ଷର ଆଚିଭ୍‌ମେଣ୍ଟ ରିପୋର୍ଟ ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ । ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଏ ବର୍ଷ ରଥଯାତ୍ରାରେ ବଡ଼ଦାଣ୍ଡରେ ଆଦୌ ମିଳିବନି ରନ୍ଧା ଖାଦ୍ୟ : ସ୍ୱଚ୍ଛତା ବଜାୟ ରଖିବାକୁ ସର୍ବାଧିକ ଗୁରୁତ୍ୱ

**ପୁରୀ, ନ୍ୟୁଜ ବ୍ୟୁରୋ**

ଏ ବର୍ଷ ରଥଯାତ୍ରାରେ ବଡ଼ଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ । କିନ୍ତୁ ଶୁଖିଲା ଖାଦ୍ୟ ବଣ୍ଟା ଯାଇପାରିବ । ଫଳରେ ପରିବେଶ ଅସ୍ୱାସ୍ଥ୍ୟକର ହେବ ନାହିଁ । ପୁରୀ ସର୍କିଟ ହାଉସ୍ଠାରେ ନଗର ଉନ୍ନୟନ ବିଭାଗର ରଥଯାତ୍ରା ପ୍ରସ୍ତୁତି ଓ ପରିଚାଳନା ନେଇ ହୋଇଥିବା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ୨ ଦିନ ପରେ ରଥଯାତ୍ରାର ପ୍ରାଶାସନିକ ପ୍ରସ୍ତୁତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ଏହାର ୧୦ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏହାକୁ ସୁପରିଚାଳନା ନିମନ୍ତେ ପୁରୀ ମହାନଗର ନିଗମ କର୍ତ୍ତୃପକ୍ଷ କେତେଦୂର ପ୍ରସ୍ତୁତ ହୋଇଛନ୍ତି ତାହାର ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ । ସହରକୁ ସଫାସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନିକ ସୂଚନା ମୁତାବକ, ସହରର ସମସ୍ତ ନଳାକୁ ସଫା କରାଯାଇଛି । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର ଡ୍ରେନ୍ ଗୁଡ଼ିକ ଜାଗୃତି ୱେଲଫେୟାର ସଂସ୍ଥା ଦ୍ୱାରା ସଫା କରାଯାଇଛି । ୨୪ଟି ପାର୍କିଂ ସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି । ସହରର ସମସ୍ତ ସାହି, ଗଳି ରାସ୍ତା ମରାମତି କାମ ଓ ଛୋଟ ଗାତ ମରାମତି କାମ ସମ୍ପୂର୍ଣ୍ଣ ହୋଇଛି । ବୁଲାଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦାର ବ୍ୟବସ୍ଥା କରାଯାଇଛି । ବର୍ଷାକୁ ଆଖି ଆଗରେ ରଖି ୩୦ଟି ଖାଲୁଆ ଅଞ୍ଚଳରୁ ଜଳ ନିଷ୍କାସନ କରିବା ନିମନ୍ତେ ଚିହ୍ନଟ ପ୍ରକ୍ରିୟା ସରିଛି । ଏହି ସ୍ଥାନମାନଙ୍କରେ ଉଚ୍ଚ ଶକ୍ତି ସଂପନ୍ନ ପମ୍ପ ସେଟ୍ ରଖାଯାଇଛି । ବୈଠକରେ ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଷ୍ଟ୍ର ଉଦ୍ଦେଶ୍ୟରେ...

ଉତ୍ପାଦଗୁଡ଼ିକର ସମୀକ୍ଷା କରିବା ପାଇଁ ବିଶୋଧନାଗାରର ମୁଖ୍ୟ ନିୟନ୍ତ୍ରଣ ୟୁନିଟ୍ ପରିଦର୍ଶନ କରିଥିଲେ ଏବଂ ଯୁବ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଥିଲେ । ସେ ଶ୍ରମିକମାନଙ୍କ ସହ ମଧ୍ୟ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କ ସହ ଫଟୋ ଉଠାଇଥିଲେ । ଏକ ବୃକ୍ଷ ମା କେ ନାମ ଅଭିଯାନର ଅଂଶବିଶେଷ ସ୍ୱରୂପ, ପ୍ରଧାନମନ୍ତ୍ରୀ ବିଶୋଧନାଗାର ପରିସରରେ ଏକ ଖେଜଡ଼ି ଚାରା ରୋପଣ କରି ପରିବେଶ ସଂରକ୍ଷଣର ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡେ, ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହର୍ଦୀପ ସିଂ ପୁରୀ, ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ, ଡ. ପ୍ରେମ ଚାନ୍ଦ ବୈରୱା, ମନ୍ତ୍ରୀ, ଜନ ପ୍ରତିନିଧି ଏବଂ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ ।

## ଅଘଟଣ ମୁକ୍ତ ...

କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ଏସଟିଏଫ) ଡ଼ କନୱର ବିଶାଳ ସିଂ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ)ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଡିଆଇଜି ଆଶିଷ ସିଂହ, ଏସପି (ପୁରୀ) ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ଓ ଏହାସହ ଆଭାସୀ ମାଧ୍ୟମରେ ଆଇଜିପି (ଉତ୍ତର-କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର ପ୍ରମୁଖ ଯୋଗ ଦେଇ ସେମାନଙ୍କ ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ ।

## ୨୦ରୁ ସଂସଦର ...

ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ଶାସକ ଦଳ ଅଧିକ ଶକ୍ତିଶାଳୀ ହୋଇଛି ଏବଂ ବିରୋଧୀ ଦଳର ସଂଖ୍ୟା ହ୍ରାସ ପାଇଛି । ଏହା ବ୍ୟତୀତ ରାଜ୍ୟଗୁଡ଼ିକରେ ହୋଇଥିବା ନିର୍ବାଚନର ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ସରକାର ଗୁରୁତ୍ୱପୂର୍ଣ୍ଣ ବିଲ୍, ବିଶେଷ କରି ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବାକୁ ଚେଷ୍ଟା କରିବେ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ...

ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ଓମ୍‌ସାର ଦାବି ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି । ଅର୍ଥ ସଚିବ କମିଟିର ଅଧ୍ୟକ୍ଷ ରହିବେ । ଏହା ବ୍ୟତୀତ କମିଟିରେ ସ୍ୱାସ୍ଥ୍ୟ , ଆଇନ ସଚିବ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ୍ୟ ରହିବେ । ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ ।

## ସମ୍ଭାବ୍ୟ ପରିସ୍ଥିତିର...

କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି । ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି । ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ । ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି । ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି । ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି ।

## ସିଇଓଙ୍କ ଅଧ୍ୟକ୍ଷତାରେ...

ଡିଜିଟାଲାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ଏହାସହ ପର୍ଯ୍ୟବେକ୍ଷକମାନଙ୍କୁ ସମଗ୍ର ଏସଆଇଆର ପ୍ରକ୍ରିୟା ଏବଂ ଆଗାମୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା । ସୂଚନାଯୋଗ୍ୟ ଶୁକ୍ରବାର ରାଜ୍ୟର ୧୦ ବରିଷ୍ଠ ଆଇଏଏସଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।

## ଗାଡ଼ି ଧକ୍କାରେ...

ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ ।

## ୧୭ ପାକିସ୍ତାନୀଙ୍କ...

ଜାମ୍ମୁ କାଶ୍ମୀର (ପିଓକେ)ରୁ ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଉଛନ୍ତି ।

ପାକିସ୍ତାନୀ ଆତଙ୍କବାଦୀଙ୍କ ମଧ୍ୟରେ ଜୈସ-ଏ-ମହମ୍ମଦ (ଜେଇଏମ) ସହଯୋଗୀ ମସୁଦ ଇଲିୟାସ କାଶ୍ମୀରୀ, ମହମ୍ମଦ ମୁସାଦିକ, ମୁଫତି ମହମ୍ମଦ ଅସଗର ଖାନ, ହାଫିଜ୍ ଅବଦୁଲ ଶକୁର, ଅବଦୁଲ୍ଲା ଜିହାଦି, ଗୁଲାମ ରିଦ, ଅଶ୍ଫକ୍ ଅହମ୍ମଦ, ମୌଲାନା ଇମଦାଦ ଉଲ୍ଲା ମକ୍କି ଏବଂ ୱସିମ ନୁର ଜାଟ ସାମିଲ ଅଛନ୍ତି । ଏହାବ୍ୟତୀତ, ଅବଦୁଲ ରଉ, ହାଫିଜ୍ ଖାଲିଦ ୱାଲିଦ୍, ମୌଲାନା ସୈଫୁଲ୍ଲା ଖାଲିଦ, ମହମ୍ମଦ ୟାକୁବ୍, ମୌଲାନା ୟୁସୁଫ୍ ତାଇବି, କାରି ୟାକୁବ୍ ଶେଖ୍, ରାଣା ଇଫ୍‌ତିଖର୍ ଏବଂ ମହମ୍ମଦ ସହିଦ ଜୈଲ୍ ଲସ୍କର-ଇ-ତାଇବା (ଏଲଇଟି), ଜମାତ-ଉଦ୍-ଦାୱା (ଜେୟୁଡି), ଫାଲାହ-ଇ-ଇନ୍‌ସାନିୟତ ଫାଉଣ୍ଡେସନ୍ (ଏଫଆଇଏଫ), ପାକିସ୍ତାନ ମାର୍କାଜି ମୁସଲିମ୍ ଲିଗ୍ (ପିଏମ୍‌ଏମ୍‌ଏଲ), ଅଲ୍-କାଏଦା ଏବଂ ଆଇଏସ୍‌ଆଇଏସ୍ ଭଳି ସଂଗଠନ ସହିତ ଜଡିତ ଥିବା ସୂଚନା ମିଳିଛି ।

# କଟକ ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କ ସନ୍ଦେହଜନକ ମୃତ୍ୟୁ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବ୍ୟୁଟି ମହାନ୍ତିଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି । ଥାନା କ୍ୱାର୍ଟର୍ସରୁ ଆଇଆଇସି ବ୍ୟୁଟି ମହାନ୍ତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ଚାଉଳିଆଗଞ୍ଜ ପୋଲିସ । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି ପୁଲିସ । ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥାରେ ଡ୍ୟୁଟି କରିଥିଲେ ଆଇଆଇସି ବିୟୁଟି ମହାନ୍ତି । ରାତି ସାଢେ ୧୦ଟା ପରେ ମହିଳା ଥାନା ଅଧିକାରୀ ଜଣକ ନିଜ ସରକାର ବାସଭବନକୁ ନଯାଇ, ଥାନାର ଉପର ମହଲାରେ ଥିବା ରେଷ୍ଟରୁମକୁ ଯାଇଥିଲେ । ରାତିରେ ତାଙ୍କ ଅର୍ଡ୍ଲି ଖାଇବାକୁ ନେଇ ଯାଇଥିଲେ ମଧ୍ୟ କଲ୍ ଉଠାଇନଥିଲେ ଆଇଆଇସି ମାଡାମ୍ । ତେଣୁ ସେ ରାତିରେ ଖାଇନଥିଲେ । ଶନିବାର ସକାଳୁ ସେ ବହୁ ସମୟ ଧରି କବାଟ ଖୋଲିନଥିଲେ । ଏମିତିକି ତାଙ୍କୁ ବହୁ ବାର ଫୋନ୍ କରାଯିବା ସତ୍ତ୍ୱେ ସେ ଫୋନ୍ ଉଠାଇନଥିଲେ । ଫଳରେ ଥାନାର କର୍ମଚାରୀମାନେ ସନ୍ଦେହ କରିଥିଲେ । ଏହା ପରେ ଥାନାରୁ କିଛି



କର୍ମଚାରୀ ଯାଇ ରେଷ୍ଟରୁମର କବାଟ ବାଡ଼େଇଥିଲେ । ତଥାପି ରେଷ୍ଟରୁମ୍ ଭିତରୁ କିଛି ବି ପ୍ରତିକ୍ରିୟା ମିଳିନଥିଲା । ପୋଲିସର ବରିଷ୍ଠ ଅଧିକାରୀମାନେ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ । ସେମାନଙ୍କ ନିର୍ଦ୍ଦେଶରେ ରେଷ୍ଟରୁମର କବାଟ ଭଙ୍ଗା ଯାଇଥିଲା । ରୁମ୍ ଭିତରେ ଆଇଆଇସି ବିୟୁଟି ମହାନ୍ତିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସମସ୍ତେ । ପରେ ତାଙ୍କୁ ଉଦ୍ଧାର କରି କଟକ ଏସସିବିକୁ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଆଇଆଇସି ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ଟ୍ୱିନ୍ ସିଟି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି ଯେ ସବୁ ଆତ୍ମହତ୍ୟା ପଛରେ କିଛି କାରଣ ଥାଏ । ବିନା କାରଣରେ ହୁଏନି । ତାଙ୍କର କୌଣସି ବ୍ୟକ୍ତିଗତ କାରଣ ଥାଇପାରେ । ସେନେଇ ଅନୁଧ୍ୟାନ କରିବୁ । କାଲି ରାତିରେ ସେ ଘରକୁ ଯାଇ ନଥିଲେ । ଥାନା ରେଷ୍ଟ ରୁମରେ ଥିଲେ । ସେ ଶାରୀରିକ ଓ ମାନସିକ ଭାବେ ବହୁତ ଦୃଢ଼ ଥିଲେ । କେବେ କୌଣସି ସମସ୍ୟା ନେଇ ଆମକୁ କହି ନାହାନ୍ତି । କମିଶନରେଟ୍ ପୋଲିସରେ ସେ ଭଲ କାମ କରୁଥିଲେ । ତାଙ୍କର ପବ୍ଲିକ ଡିଲିଂ ଭଲ ଥିଲା । ତଦନ୍ତ ପରେ ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଜଣାପଡ଼ିବ । ଖବର ପାଇଁ କଟକ ଏସସିବିରେ ପହଞ୍ଚିଥିଲେ ମୃତ ଆଇଆଇସି ବିୟୁଟି ମହାନ୍ତିଙ୍କ ବାପଘର ଓ ଶାଶୁଘର ଲୋକେ । ବିୟୁଟି ମହାନ୍ତିଙ୍କ ସ୍ୱାମୀ ମୁମ୍ବାଇରେ ଏକ କମ୍ପାନୀରେ ଚାକିରି କରନ୍ତି । ସେ ମଧ୍ୟ ଖବର ପାଇ ଆସି କଟକରେ ପହଞ୍ଚିଛନ୍ତି । ବିୟୁଟି ମହାନ୍ତିଙ୍କର ୧୦ ବର୍ଷର ପୁଅ ମଧ୍ୟ ଅଛି । ତାଙ୍କୁ ମଧ୍ୟ କଟକ ଏସସିବିରେ ଦେଖିବାକୁ ମିଳିଥିଲା । ମହିଳା ଆଇଆଇସି ବିୟୁଟି ମହାନ୍ତି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରୁଛି ପୋଲିସ । ତେବେ ଏଠି ପ୍ରଶ୍ନ ଉଠୁଛି କାହିଁକି ଆତ୍ମହତ୍ୟା କଲେ ମହିଳା ଇନ୍ସପେକ୍ଟର ବିୟୁଟି ମହାନ୍ତି ? କ'ଣ ଏମିତି ଘଟିଥିଲା ଯେ ତାଙ୍କୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଡ଼ିଲା ? ତାଙ୍କ ଜୀବନରେ ଏମିତି କ'ଣ ଘଟିଥିଲା ଯେ, ସେ ନିଜର ୧୦ବର୍ଷର କୁନି ପୁଅ କଥା ବି ଟିକେ ଚିନ୍ତା କଲେନି ? ଘରକୁ ନଯାଇ ନିଜ ପରିବାରର କାହାକୁ କିଛି ନକହି ରାତିରେ ଥାନାର ରେଷ୍ଟରୁମ୍ ଏଭଳି ଆତ୍ମହତ୍ୟା କରିବା ପଛରେ କ'ଣ କାରଣ ରହିଛି ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ମହିଳା ପୋଲିସ ଇନ୍ସପେକ୍ଟର ବିୟୁଟି ମହାନ୍ତିଙ୍କ ଏଭଳି ମୃତ୍ୟୁ ଘଟଣା ପଛରେ ଅନେକ କିଛି ରହସ୍ୟ ଥିବା ନେଇ ତାଙ୍କର ଦୂର ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ତେବେ ବିୟୁଟି ମହାନ୍ତିଙ୍କ ଭଉଣୀ ଓ ତାଙ୍କ ପରିବାର ଲୋକ କ୍ୟାମେରା ସାମ୍ନାରେ କିଛି କହିବାକୁ ମନା କରିଦେଇଥିଲେ । ଥାନା ରେଷ୍ଟରୁମରେ ଜଣେ ମହିଳା ଥାନା ଅଧିକାରୀଙ୍କ ଏଭି ସନ୍ଦେହଜନକ ମୃତ୍ୟୁକୁ ଅତ୍ୟନ୍ତ ଗୁରୁତର ସହ ନେଇଛି କମିଶନରେଟ୍ ପୋଲିସ । ପୋଲିସ ତଦନ୍ତରୁ କ'ଣ ସାମ୍ନାକୁ ଆସୁଛି ତା ଉପରେ ରହିଛି ନଜର ।

# ମିଶନ ଚକାନୟନ-୨୦୨୬ : ରଥଯାତ୍ରା ପାଇଁ ସୁଦୃଢ଼ ହେଲା ବିଦ୍ୟୁତ ନେଟୱାର୍କ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ କରାଯାଉଥିବା ବ୍ୟାପକ ପ୍ରସ୍ତୁତିର ଅଂଶସ୍ୱରୂପ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଦିନିକିଆ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଅଭିଯାନ 'ମିଶନ ଚକାନୟନ-୨୦୨୬' ସଫଳତାର ସହ ଶେଷ ହୋଇଛି । ଭୁବନେଶ୍ୱର-୨ ସର୍କଲ୍ ଅଧୀନରେ ଥିବା ପୁରୀ, ଖୋର୍ଦ୍ଧା, ବାଲୁଗାଁ ଓ ନୟାଗଡ଼ ଡିଭିଜନରେ ପ୍ରାୟ ୪୦୦ କର୍ମଚାରୀ ଓ ବିଶେଷଜ୍ଞ ଦଳଙ୍କ ସହାୟତାରେ ଏହି ମିଶନ ପୁରୀ ସହର ଏବଂ ଏହାକୁ ସଂଯୋଗ କରୁଥିବା ପ୍ରମୁଖ ବିଦ୍ୟୁତ କରିଡରଗୁଡ଼ିକରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ଅଭିଯାନରେ ୩୩ କେଭି, ୧୧ କେଭି ଓ ଏଲ୍‌ଟି



ନେଟୱର୍କର ରକ୍ଷଣାବେକ୍ଷଣ, ଗଛର ଡାଳ କାଟିବା, ତାର ସଂଯୋଗୀକରଣ କରିବା, ହଟ୍‌ସ୍ପଟ୍ ସ୍ଥାନ ଗୁଡିକ ଠିକ୍ କରିବା, ବଜ୍ରପାତରୁ ରକ୍ଷା କରିବା ପାଇଁ ଲାଇଟନିଂ ଆରେଷ୍ଟର ଲଗାଇବା ସହ ପୁରୀ ଓ ଏହାର ଆଖପାଖ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଥିବା ପ୍ରାଥମିକ ସବ୍-ଷ୍ଟେସନ ଏବଂ ଟ୍ରାନ୍ସଫର୍ମରଗୁଡ଼ିକର ମରାମତି କରାଯାଇଛି । 'ମିଶନ ଚକାନୟନ-୨୦୨୬'ର ସଫଳ ସମାପ୍ତ ସହ, ଟିପିସିଓଡିଏଲ ରଥଯାତ୍ରା ସମୟରେ ନିରବଚ୍ଛିନ୍ନ, ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜର ବିଦ୍ୟୁତ ବିତରଣ ନେଟୱର୍କ ଓ ପ୍ରସ୍ତୁତିକୁ ଆହୁରି ମଜବୁତ କରିଛି ।

# ବଲାଙ୍ଗିରରେ ଡାକ୍ତରଙ୍କ ଧର୍ମଘଟ: ଚିକିତ୍ସା ନ ପାଇ ଶିଶୁ ମୃତ୍ୟୁ ଅଭିଯୋଗ



**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ଏଇ ମାତ୍ର କିଛି ସମୟ ପୂର୍ବରୁ ଡାକ୍ତରଙ୍କ ଧର୍ମଘଟ ପ୍ରତ୍ୟାହାର ହୋଇଛି । ହେଲେ ଏହାର ଠିକ୍ ପୂର୍ବରୁ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବଲାଙ୍ଗିରରେ ଜଣେ ଚାରି ବର୍ଷର ଶିଶୁ, ଗୁରୁତର ଅବସ୍ଥାରେ ଚିକିତ୍ସା ନପାଇ ତାର ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସାରା ରାଜ୍ୟରେ ଡାକ୍ତରଙ୍କ ଧର୍ମଘଟ ଚାଲିଥିବା ବେଳେ ଚିକିତ୍ସା ବ୍ୟବସ୍ଥା ଘୋର ପ୍ରଭାବିତ ହୋଇଥିଲା । ଏଥିରୁ ବଲାଙ୍ଗିର ଜିଲ୍ଲା ମଧ୍ୟ ବାଦ ପଡ଼ି ନଥିଲା । ଏଭଳି ଅଭାବନୀୟ ଓ ଗୁରୁତର ଅଭିଯୋଗ ଆସିଛି, ପାଟଣାଗଡ଼ ଡାକ୍ତରଖାନାରୁ । ବଲାଙ୍ଗିର ଜିଲ୍ଲାର ସବୁ ଡାକ୍ତର ଧର୍ମଘଟରେ ସାମିଲ ହୋଇଥିଲେ । ତେବେ ଏହି ଧର୍ମଘଟ ଯୋଗୁଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା । ଗ୍ରାମାଞ୍ଚଳରେ ବିଶେଷ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇ ଥିଲା । ରୋଗୀ ତଥା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାରି ମଧ୍ୟରେ ପାଟଣାଗଡ଼ ଡାକ୍ତରଖାନାରୁ ଏକ ଅଭାବନୀୟ ଓ ଗୁରୁତର ଅଭିଯୋଗ ଆସିଛି । ଏଠି ଚିକିତ୍ସା ନ ପାଇ ଜଣେ ଚାରି ବର୍ଷର ଶିଶୁର ମୃତ୍ୟୁ ହୋଇଥିବା ପରି ଗୁରୁତର ଅଭିଯୋଗ ଆସିଛି । ପାଟଣାଗଡ଼ ଭିତର ପଡ଼ାର ହିଟଲର ଥାନାପତିଙ୍କ ଚାରି ବର୍ଷ ଶିଶୁର ଏଭଳି ମୃତ୍ୟୁ ହୋଇଥିବା ଅଭିଯୋଗ ସମସ୍ତଙ୍କୁ ଦୋହଲାଇ ଦେଇଛି । ତେବେ ମୃତ ଶିଶୁଙ୍କ ପରିବାର ବର୍ଗଙ୍କ ଅଭିଯୋଗ ଅନୁସାରେ ଗତକାଲି ତାଙ୍କ ଶିଶୁ ଗୁରୁତର ଅସୁସ୍ଥ ହୋଇଥିଲା । ଯାହାପରେ ଏମାନେ ଆମ୍ବୁଲାନ୍ସ ଡାକି ତାକୁ ଶୀଘ୍ର ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ । ହେଲେ ଏଠି ଡାକ୍ତର ନ ଥିବାରୁ ଏମାନେ ଏଠି ସେଠି ଦୌଡି ହଇରାଣ ହୋଇଥିଲେ । ଏବଂ ଶେଷରେ ତାଙ୍କ ଶିଶୁ ଚିକିତ୍ସା ନ ପାଇଁ ମୃତ୍ୟୁ ହୋଇଥିବାର ଏମାନେ ଅଭିଯୋଗ କରିଛନ୍ତି । ମୃତ ଶିଶୁଙ୍କ ବାପା ହିଟଲର ଥାନାପତି କହିଛନ୍ତି ଯେ, 'ମୋ ଚାରି ବର୍ଷର ଶିଶୁ ଘରେ ଅସୁସ୍ଥ ହୋଇଥିଲା । ମୁଁ ସଙ୍ଗେ ସଙ୍ଗେ ଏମ୍ବୁଲେନ୍ସ ଡାକି ତାକୁ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲି । ହେଲେ ଏଠି ଡାକ୍ତର ନ ଥିବାରୁ ମୋ ଶିଶୁକୁ କେହି ସଠିକ୍ ସମୟରେ ଦେଖି ନ ଥିଲେ । କିମ୍ବା ଚିକିତ୍ସା ଦେଇ ନ ଥିଲେ । ଯାହା ଫଳରେ ମୋ ଶିଶୁର ମୃତ୍ୟୁ ହୋଇଛି' ବୋଲି ସେ କହିଛନ୍ତି । ଅନ୍ୟପଟେ ପାଟଣାଗଡ଼ ହସପିଟାଲ ଏସ ଡି ଏମ ଓ ରଞ୍ଜନ ସ୍ୱାଇଁ କହିଛନ୍ତି ଯେ, 'ଶିଶୁଟି ଏଠାକୁ ଆସିବା ପୂର୍ବରୁ ତାର ମୃତ୍ୟୁ ହୋଇ ସାରିଥିଲା । ମାଇଗର ମୋର୍ଟିସ ଅର୍ଥାତ୍ ତାର ମାଂସପେଶୀ ମୃତ୍ୟୁ ପରେ ଯେମିତି ଟାଣ ହୁଏ ତାହା ହୋଇ ସାରିଥିଲା । ଏଠାକୁ ଶିଶୁ ଆସିବା ମାତ୍ରେ ଡାକ୍ତର ଧର୍ମଘଟ ସତ୍ତ୍ୱେ ଆମ ଆସିୟୁ ଡାକ୍ତରମାନେ ତାକୁ ଦେଖିଥିଲେ । ମୁଁ ନିଜେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲି । ଏବଂ ତାର ମୃତ୍ୟୁ ପୂର୍ବରୁ ହୋଇ ସାରିଥିବାର ଆମେ ଜାଣି ବାକୁ ପାଇଥିଲୁ' ବୋଲି ସେ କହିଛନ୍ତି । ତେବେ ଏହି ଘଟଣାକୁ ନେଇ ଏଠି ଦୀର୍ଘ ସମୟ ଧରି ତୀବ୍ର ଉତ୍ତେଜନା ଲାଗି ରହିଥିଲା । ଅନ୍ୟପଟେ ପୋଲିସ ପ୍ରଶାସନ ଆସି ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା । ସେପଟେ ଏହି ଅଭିଯୋଗକୁ ନେଇ ପୋଲିସ କିମ୍ବା ପ୍ରଶାସନ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ । ତେଣୁ ମାମଲା ତଦନ୍ତ ହେବ ନା ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ ।

# ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି । ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହାର ଏକ ଜ୍ୱଳନ୍ତ ଚିତ୍ର ଗତକାଲି ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି । ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣଙ୍କ ଅମୂଲ୍ୟ ଜୀବନ ହାନୀକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।

ଆଜି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଥିଲେ ଯେ, ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା । ବିଜେଡି ସରକାର ସମୟରେ ବାରିପଦା ସ୍ଥିତ ରଙ୍ଗାମାଟିଆ ଠାରେ ନୂତନ ହସ୍ପିଟାଲ୍ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହାକୁ ଗତ ୨୦୨୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦ୍ଘାଟନ କରିଥିଲେ । ଗତ ସାଧାରଣ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ଏହାକୁ ସମ୍ପୂର୍ଣ୍ଣ ନ କରି ବନ୍ଦ ରଖିଥିଲା । ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକ ଦେଖାଣିଆ ଭାବେ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଉଦଘାଟନ କରିଛନ୍ତି । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ହସ୍ପିଟାଲରେ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି । ରୋଗ ନିରୂପଣ ଓ ଯାଞ୍ଚ ନିମନ୍ତେ ହସ୍ପିଟାଲରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ସମେତ ଅନ୍ୟାନ୍ୟ ଦରକାରୀ ମେସିନ ଉପଲବ୍ଧ ନାହିଁ ।

# ଭୁବନେଶ୍ୱରର ଜଳବନ୍ଦୀ ସ୍ଥାନ ପରିଦର୍ଶନ କଲେ ମେୟର

**ଭୁବନେଶ୍ୱର, ୦୪/୦୭**
**ନ୍ୟୁଜ ବ୍ୟୁରୋ**

ବିଏମସି ମେୟର ସୁଲୋଚନା ଦାସ ଶନିବାର ଲଗାତାର ବର୍ଷା ପରେ ପରିସ୍ଥିତିର ସମୀକ୍ଷା କରିବା ପାଇଁ ମେୟର ଭୁବନେଶ୍ୱରର ଜଳବନ୍ଦୀ ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ । ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ମେୟର ପ୍ରଭାବିତ ଅଂଚଳଗୁଡ଼ିକର ସମୀକ୍ଷା କରିଥିଲେ ଏବଂ ଦ୍ରୁତ ଜଳ ନିଷ୍କାସନ, ଜଳ ନିଷ୍କାସନ ପ୍ରବାହକୁ ଉନ୍ନତ କରିବା ଏବଂ ନାଗରିକଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

GOVERNMENT OF ODISHA
PANCHAYAT SAMITI, PADMAPUR
E-Mail - ori-rpadmapur@nic.in
INVITATION FOR BIDS (IFB)
e-Procurement Notice

19001/134/2627

IDENTIFICATION NO. 03/2025-26 of PANCHAYAT SAMITI, PADMAPUR
No. 2256/IX - 74/2026, (S&ME, Tender) Dev Dated 01.07.2026

1. The Panchayat Samiti, Padmapur Invites Percentage Rate Bids in Single Cover system in on ONLINE MODE for construction of Building works (Civil + Electrification) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works : 03 (Three) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "D" & "C" Class
5. Date & Time of available in web site & receipt online : 11:30 Hrs of 06.07.2026 to 17.00 Hrs. of 21.07.2026.
6. Date of Opening of Technical Bid : 24.07.2026 at 11:30 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Kuresh Chandra Jani, OAS-A (JB)
Block Development Officer
Padmapur

OIPR-19001/19430/1/26-27/0001

ଭୁବନେଶ୍ୱର, ୦୫ ଜୁଲାଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀଗୁଣ୍ଡିଚା ମନ୍ଦିରରେ ଗୁଳୁଗୁଳି ପାଇଁ ବାତାନୁକୂଳ ବ୍ୟବସ୍ଥା




**ପୁରୀ, ୪/୭ ନ୍ୟୁଜ ବ୍ୟୁରୋ**

ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଲାଗିବନି ରୌଦ୍ରତାପ ଜନିତ ଗୁଳୁଗୁଳି ବାଧା । ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ବାତାନୁକୂଳିତ ବ୍ୟବସ୍ଥା ଭିତରେ ମହାପ୍ରଭୁଙ୍କ ଦର୍ଶନର ସୁବିଧା ମିଳିବ। ଉଭୟ ନାଟମଣ୍ଡପ ଓ ଜଗମୋହନରେ ବାତାନୁକୂଳିତ ବ୍ୟବସ୍ଥା ହୋଇଛି। ସେହିପରି ନୀଳାଦ୍ରି ବିଜେ ପରେ ଶ୍ରଦ୍ଧାଳୁମାନେ ବର୍ଷତମାମ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ବ୍ୟବସ୍ଥା କରାଯିବ। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି ଯେ, ଆଡ଼ପମଣ୍ଡପର ନାକଚଣା ଓ ସିଂହଦ୍ୱାର ଉନ୍ନତୀକରଣ ପୂର୍ବରୁ ସରିଥିଲା । ଏବେ ଉତ୍ତର ପାର୍ଶ୍ୱ ପୁରୁଣା ଦ୍ୱାର ଭାଙ୍ଗି ନୂଆ ଗୁମୁଣ ନିର୍ମାଣ ସହ ଦ୍ୱାର ଉନ୍ନତୀକରଣ କରାଯାଇଛି । ବର୍ମାଟିକ୍ କାଠରେ ଦ୍ୱାର କରାଯାଇଛି। ଗୁମୁଟକୁ କଳିଙ୍ଗ କଳା ଶୈଳୀରେ ଖଣ୍ଡୋଲାଇଟ୍ ପଥର ବ୍ୟବହାର କରାଯାଇ ରୂପ ଦିଆଯାଇଛି। ଏଥିସହ ବାହାର ପାର୍ଶ୍ୱକୁ ଆଲୋକୀକରଣ ଓ ଉଦ୍ୟାନ ଉନ୍ନତୀକରଣ କରାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିର ଭିତର ଚକଡ଼ାର ମଧ୍ୟ ଉନ୍ନତୀକରଣ କରାଯାଇଛି । ଅବଢ଼ା ଯୋଜନା ଅର୍ଥରେ ଆଡ଼ପ ମଣ୍ଡପରେ ଟୁଣିଆ ମହଲା, ବଲ୍ଲଭ ଘର ଓ ରୋଷଘରର ଉନ୍ନତୀକରଣ କରାଯାଇଛି । ଶ୍ରୀଜୀଉମାନଙ୍କ ବିଜେ ରାସ୍ତାକୁ ମଧ୍ୟ ଉନ୍ନତୀକରଣ କରାଯାଇଛି। ଏହି ରାସ୍ତାରେ ଅନେକ ପଥର ଖରାପ ହୋଇଥିଲା ଯାହାକୁ କାଢ଼ି ନୂଆ ପଥର ଲଗାଯାଇଛି । ଗତ ବର୍ଷ ନାଟମଣ୍ଡପରେ ରାମ୍ପର ବ୍ୟବସ୍ଥା ହୋଇଥିଲା । ଭକ୍ତମାନଙ୍କୁ ନାଟମଣ୍ଡପରୁ ଶ୍ରୀଜୀଉଙ୍କ ଭଲ ଦର୍ଶନ ମିଳିଥିବାରୁ ଚଳିତ ବର୍ଷ ମଧ୍ୟ ରାମ୍ପ ଦର୍ଶନ ବ୍ୟବସ୍ଥା ଶ୍ରୀଜଗନ୍ନାଥ ପରିଚାଳନା କମିଟି ନିଷ୍ପତ୍ତି କ୍ରମେ ଲାଗୁ କରାଯାଇଛି।

# ରଥଖଳା ହାଲଚାଲ : ରଥ ବ୍ରେକରେ ଲାଗିଲା ୬ ବଳା, ଓଲଟ ଶୁଆରେ ଚାଲିଛି ରଙ୍ଗବୋଳା





**ପୁରୀ, ୦୪/୦୭ ନ୍ୟୁଜ ବ୍ୟୁରୋ**

ରଥ ବ୍ରେକରେ ଲାଗୁଛି ୬ଟି ବଳା । ନଟ୍‌ବୋଲ୍ଟ ଦ୍ୱାରା ବ୍ରେକ୍ କାଠରେ ଲଗାଯାଉଛି । ଆୟତାଘନାକାର କାଠର ଦୁଇ ପାର୍ଶ୍ୱରେ ୨ଟି ବଳା ଲାଗୁଛି । ଭୋଇ ସେବକମାନେ ବ୍ରେକ୍ କାଠ ନେବା ଆଣିବା କରିବାରେ ଏହା ସହାୟକ ହେବ । ଆଉ ଚାରିଟି ବଳାରେ ଚେନ୍ ଓ ଦଉଡ଼ି ମାଧ୍ୟମରେ ଭିଡ଼ା ହୋଇ ବ୍ୟବହାର ହେବ। ରଥ ଟଣା ସମୟରେ ସମ୍ମୁଖ ଭାଗରେ ଓ ଦକ୍ଷିଣ ମୋଡ଼ ସମୟରେ ଆବଶ୍ୟକ ସ୍ଥଳେ ପଛ ଭାଗରେ ବ୍ରେକ୍ ଲାଗୁଥିବା କୁହନ୍ତି ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମାଙ୍କ ପୁଅ ବଳରାମ ମହାପାତ୍ର। ରଥରେ ୪ଟି ଲେଖାଏଁ ଦୁଆରଘଡ଼ା ଉଠିବା ପରେ ତାହାକୁ ମଜଭୁତ୍ କରିବାକୁ ଦୁଆର ବାଣିଆ କାମ ହେଉଛି । ରଥରେ କଣ ପଟା ଆଦି ପଡୁଛି । ବିଶ୍ୱକର୍ମା ଓ ଭୋଇ ସେବକମାନେ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି । କାର୍ଯ୍ୟାଳୟରେ ଦର୍ଜି ସେବକ, ରୂପକାର ଆଦି ସେବକ ରଥ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଶ୍ରୀମନ୍ଦିର କାର୍ଯ୍ୟାଳୟ ପଛ ପାର୍ଶ୍ୱର ଟେଣ୍ଟରେ ଚିତ୍ରକର ସେବକଙ୍କ ଦ୍ୱାରା ତିନି ରଥର ୬ ଓଲଟ ଶୁଆ ସୁନ୍ଦର ରୂପ ନେଉଛନ୍ତି । ଗବେଷକ ଡ. ନରେଶ ଦାଶ କୁହନ୍ତି, ରଥ କଳସ ଉଭୟ ପାର୍ଶ୍ୱରେ ବିପରୀତ ଦିଗକୁ ମୁହଁ କରି ୨ଟି ଓଲଟ ଶୁଆ ରହିଥାନ୍ତି। ଏହାର ତତ୍ତ୍ୱ ହେଉଛି ସେମାନେ ଈଶ୍ୱରଙ୍କ ଠାରେ ଧ୍ୟାନ ନରଖି ସଂସାର ମୁହାଁ ହେବାରେ ବନ୍ଧନରେ ପଡ଼ିଛନ୍ତି। ତାଳଧ୍ୱଜର ଦୁଇ ଶୁଆ ହେଉଛନ୍ତି ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଦୁଇ ଶୁଆ ହେଉଛନ୍ତି ଜୀବ ଓ ପରମ ଏବଂ ଦେବଦଳନର ଦୁଇ ଶୁଆଙ୍କ ନାମ ହେଉଛି ସୁପର୍ଣ୍ଣା ଓ ଦ୍ୱାସୁପର୍ଣ୍ଣା । ଏମାନେ ଏକ ମୁଖୀ ତଥା ଈଶ୍ୱରାଭିମୁଖୀ ହେଲେ ହିଁ ଭବସାଗର ମାୟାରୁ ମୁକ୍ତି ପାଇବେ । ସଂସାରରେ ଭଗବତ୍ ଚିନ୍ତାର ଉଦ୍ରେକ ପାଇଁ ଠାକୁରଙ୍କ ଏସବୁ ପରମ୍ପରା ବୋଲି କହନ୍ତି ଡ. ଦାଶ ।

# ଜ୍ୱରରେ କମ୍ପୁଛନ୍ତି ସାଆନ୍ତେ : ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି ହେଲା 'ଫୁଲୁରୀ ତେଲ'



**ପୁରୀ, ୪/୦୭ ନ୍ୟୁଜ ବ୍ୟୁରୋ**

ଶନିବାର ଅଣସର ପଞ୍ଚମୀର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା 'ଫୁଲୁରୀ' ତେଲ ଚିକିତ୍ସା ପାଇଛନ୍ତି। ଏହା ଅଣସର ଘରେ ଚାଲିଥିବା ମହାପ୍ରଭୁଙ୍କ ଗୁପ୍ତ ରୀତିର ଏକ ଅଂଶ। ପୁରୀର ଶ୍ରୀମନ୍ଦିରରେ ତିନି ଠାକୁରଙ୍କ 'ଅଣସର' ରହଣି ସମୟରେ 'ଫୁଲୁରୀ ତେଲ' ଚିକିତ୍ସାର ରୀତିନୀତି ରହିଛି । 'ସ୍ନାନ ଯାତ୍ରା' ସମୟରେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇଥିବା ତିନି ଠାକୁରଙ୍କୁ ଜ୍ୱରରୁ ସୁସ୍ଥ କରିବା ପାଇଁ ଏହି ବିଶେଷ ଚିକିତ୍ସା କରାଯାଏ । ସ୍ନାନ ପୂର୍ଣ୍ଣିମା ଦିନ ୧୦୮ କଳସ ଔଷଧୀୟ ଏବଂ ସୁଗନ୍ଧିତ ଜଳରେ ସ୍ନାନ କରିବା ପରେ ତ୍ରିମୂର୍ତ୍ତି ଅସୁସ୍ଥ ହୋଇପଡ଼ନ୍ତି । ମହାବାହୁଙ୍କୁ ହୋଇଥିବା ଜ୍ୱରର ଉପଚାର ପାଇଁ ଆବଶ୍ୟକ ହୋଇଥାଏ 'ଫୁଲୁରୀ ତେଲ' ଓ 'ଦଶମୂଳ ମୋଦକ'। ଶନିବାର ଏହି ଫୁଲୁରୀ ତେଲ ଶ୍ରୀବିଗ୍ରହଙ୍କ ପାଦରେ ଘସାଯାଇଛି । ଏହାଦ୍ୱାରା ମହାପ୍ରଭୁଙ୍କୁ ଜ୍ୱର ଛାଡି ଯାଏ ବୋଲି କୁହାଯାଏ । ଆଷାଢ଼ କୃଷ୍ଣ ପଞ୍ଚମୀ ବା 'ଅଣସର ପଞ୍ଚମୀ' ଦିନରୁ ଆଷାଢ଼ କୃଷ୍ଣ ସପ୍ତମୀ ମଧ୍ୟରେ ଏହି ନୀତି ହୋଇଥାଏ । ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଏହା ଯୋଗାଇ ଥାଆନ୍ତି। ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ପ୍ରଥମେ ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରୀ ତେଲକୁ ବିଜେ କରା ଯାଇଥାଏ । ବୈଦ୍ୟଙ୍କ ପରାମର୍ଶକ୍ରମେ ଅଣସର ପିଣ୍ଡିରେ ଶ୍ରୀଜୀଉଙ୍କୁ ଏହି ଫୁଲୁରୀ ତେଲର ଚିକିତ୍ସା ସେବା ଯୋଗାଇ ଦିଆଯାଏ। ପରମ୍ପରା କ୍ରମେ ଅସୁସ୍ଥ ଶ୍ରୀଜୀଉମାନେ ଏବେ ଧିରେ ଧିରେ ସୁସ୍ଥ ହେଉଛନ୍ତି । ଶୟନ ଅବସ୍ଥାରୁ ବିଗ୍ରହମାନଙ୍କୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି । ଏଣେ ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ ଉପଚାର କରାଯିବ । ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ଫୁଲୁରୀ ତେଲ ମାଲିସ୍ ହୋଇଛି । ବଡ଼ଓଡ଼ିଆ ମଠ ପ୍ରତିବର୍ଷ ୬ ସେର ଫୁଲୁରୀ ତେଲ ଯୋଗାଯାଇଥାଏ। କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଦିଆଯାଇଥାଏ । ଆଷାଢ଼ କୃଷ୍ଣ ପଞ୍ଚମୀରୁ ସପ୍ତମୀ ଫୁଲୁରୀ ତେଲକୁ ଲାଗି କରାଯାଇଥାଏ। ଫୁଲୁରୀ ତେଲ ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ ହୋଇଥାଏ। ବର୍ଷେ ପୂର୍ବରୁ ହେରାପଞ୍ଚମୀ ତିଥିରେ ତିନୋଟି ତିନି ସେରିଆ ମାଟି ଘଡ଼ିର ଆବଶ୍ୟକତା ରହିଥାଏ । ତିନି ଘଡ଼ିରେ ଘଣା ପେଡ଼ା ରାଶି ତେଲ ସହିତ କୃଷ୍ଣଭୋଗ ଧାନ, ବେଣା ଚେର, ଚନ୍ଦନ କାଠ, କେତକୀ, ଚମ୍ପା, ବଉଳ, ମାଳତୀ, ମଲ୍ଲୀ, ଜୁଇ, ଜାଇ ଆଦି ଫୁଲର ମିଶ୍ରଣ, ଶାଳ ପର୍ଣ୍ଣ, ଗମ୍ଭାରୀ, ଲବାଙ୍ଗ କୁଳି, ଫଣଫଣା, କୃଷ୍ଣ ପର୍ଣ୍ଣି, ବେଲ, ଖଣି ବଥୁ, ପଟଳି, ଖୁଆ, ଅଙ୍କରାନ୍ତି, ଗୋଖରା, ଲମ୍ବାଗୋଡି, ଦେଶୀ ଘିଅ, ମହୁ, ନବାତ, ଖୁଆସର ଅଦିକୁ ମିଶାଇ ଏକ ବର୍ଷ ପର୍ଯ୍ୟନ୍ତ ମାଟି ତଳେ ପୋତା ହୋଇ ରଖାଯାଇଥାଏ । ଯାହାକୁ ଫୁଲରୀ ତେଲ ବୋଲି କୁହାଯାଇଥାଏ । ଏହି ମିଶ୍ରଣକୁ ମାଟିତଳେ ଦୀର୍ଘ ଏକ ବର୍ଷ କାଳ ରଖିବା ପରେ ଦେବସ୍ନାନ ପୂର୍ଣ୍ଣିମା ଦିନ ମାଟିରୁ ବାହାର କରାଯାଇଥାଏ । ଏହି ଅବଧିରେ ଏହି ମିଶ୍ରିତ ତୈଳ ଔଷଧରେ ରୂପାନ୍ତରିତ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏ ସମସ୍ତ ଫୁଲ ଓ ବେଣା ଚେରରେ ରହିଥିବା ଔଷଧୀୟ ଗୁଣ ଶରୀରକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି ଦେବ । ତେଣୁ ମହାପ୍ରଭୁମାନେ ପ୍ରବଳ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଶ୍ରୀଅଙ୍ଗରେ ଏହି ତୈଳ ମର୍ଦ୍ଦନ କରାଯାଇଥାଏ। ଏହି ଫୁଲରୀ ତେଲ ମାଲିସ ପରେ ଶ୍ରୀଜୀଉ କିଛି ଅଂଶରେ ସୁସ୍ଥ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ । ଦେଉଳ କରଣଙ୍କ ନେତୃତ୍ୱରେ ଏହାକୁ ଅଣସର ଗୃହକୁ ଆଣାଯିବା ପରେ ପତି ମହାପାତ୍ର ସେବକ ୩ଟି ରୂପା ପିଙ୍ଗଣରେ ଫୁଲୁରୀ ତେଲ ନେଇ ସଂସ୍କାର କରିବା ପରେ ଏହି ତେଲକୁ ଦଇତାପତି ସେବକମାନେ ଚତୁର୍ଦ୍ଧା ବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥାନ୍ତି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ତେଲ ପ୍ରସ୍ତୁତ ମହୌଷଧି ଲାଗି ହେବା ପରେ ମହାପ୍ରଭୁ ସୁସ୍ଥ ହେବେ ଏବଂ ନବଯୌବନ ପ୍ରାପ୍ତି ହେବେ ।

## ଆମେରିକାରେ ଓଡ଼ିଆ ପରମ୍ପରାକୁ ପ୍ରଶଂସା

# ୫୭ତମ 'ଓସା' ସମ୍ମିଳନୀରେ ଯୋଗଦେଲେ ଅଚ୍ୟୁତ ସାମନ୍ତ




**ଭୁବନେଶ୍ୱର, ୪।୭ ନ୍ୟୁଜ ବ୍ୟୁରୋ**

ଆମେରିକାରେ ଓଡ଼ିଆମାନେ ବସବାସ କରୁଥିଲେ ମଧ୍ୟ ଓଡ଼ିଆ ପରମ୍ପରାକୁ ଭୁଲିନାହାନ୍ତି । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଆମେରିକାରେ ରହୁଥିଲେ ମଧ୍ୟ ବେଶ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା ଆସୋସିଏସନ୍ ଇନ୍ ଆମେରିକା (ଓସା)କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଚ୍ଚ ପ୍ରଶଂସା କରିଛନ୍ତି । ଶନିବାର ମିନିଆପୋଲିସରେ ଓସାର ୫୭ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଡ. ସାମନ୍ତ କହିଲେ, ଓସା ପକ୍ଷରୁ କରାଯାଇଥିବା ମିଳନ ପର୍ବ ବାସ୍ତବରେ ଏକ ବିରଳ ଅନୁଭୂତି। ଏହି ମୁହୂର୍ତ୍ତକୁ ଅନେକ ଓଡ଼ିଆ ଆମେରିକା ଓ ଓଡ଼ିଶାର ଲୋକମାନେ ଅପେକ୍ଷା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶାର ବିକାଶରେ ଏହି ସଂଗଠନର ଅବଦାନ ସହିତ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ସଂରକ୍ଷଣ କରିବାରେ ଏହାର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ।

ସମ୍ମିଳନୀରେ ସମବେତ ୧ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାରକୁ ସମ୍ବୋଧିତ କରି ତାଙ୍କୁ ନିମନ୍ତ୍ରଣ କରିଥିବାରୁ ଆୟୋଜକମାନଙ୍କୁ ଡ. ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କିଟ୍-କିସ୍ କିଭଳି ଆମେ ଆମେରିକା ଏବଂ ଏହାର ଅନେକ ଶିକ୍ଷାନୁଷ୍ଠାନ ସହିତ ଦୃଢ଼ ସଂପର୍କ ତିଆରି କରିଛି ସେ ସମ୍ପର୍କରେ ସୂଚନା ଦେବା ସହ ପ୍ରତିବର୍ଷ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ରିସୋର୍ସ ପର୍ସନ ନିୟମିତ ଭାବରେ କିଟ୍-କିସ୍ ପରିଦର୍ଶନ କରି ବକ୍ତୃତା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରନ୍ତି ସେ ବିଷୟରେ ମଧ୍ୟ କହିଥିଲେ।

ଏହି ଅବସରରେ କିଟ୍-କିସ୍ ଓ 'ଓସା' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ କିଟ୍-କିସ୍ ପକ୍ଷରୁ ଡ. ଅଚ୍ୟୁତ ସାମନ୍ତ ଓ 'ଓସା' ପକ୍ଷରୁ ଏହାର ସଭାପତି ନାଗେଶ୍ୱର ରଜନଲା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଦିଗରେ କାର୍ଯ୍ୟ କରିବେ। ଏହା ସହ ଏହି ବୁଝାମଣାପତ୍ର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଷ୍ଟାର୍ଟଅପ୍ ଇନକ୍ୟୁବେଟର, ନବସର୍ଜନା ପ୍ରୟୋଗଶାଳା ଏବଂ ବୃତ୍ତିଗତ ବିନିମୟ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ବ୍ୟବସ୍ଥା ରହିଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ହସ୍ପିଟାଲ ପ୍ରତିଷ୍ଠାତା ଡା ସୀତାକାନ୍ତ ଦାଶ, ଚିକାଗୋରେ ଭାରତର କନସଲ ଜେନେରାଲ ସୋମନାଥ ଘୋଷ, ଡ. ଓମକାର ନାଥ ମହାନ୍ତି, ଓସା ସଭାପତି ନାଗେଶ୍ୱର ରାଜନଲା, ଉପସଭାପତି ଉତ୍କଳ ନାୟକ, ସମ୍ପାଦକ ସ୍ନିଗ୍ଧା ହୋତା, କୋଷାଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ସମେତ ଯୁକ୍ତରାଷ୍ଟ୍ର ଓ କାନାଡାର ବହୁ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଉପସ୍ଥିତ ଥିଲେ।

# ଭିତରକନିକାରେ କୁମ୍ଭୀର ପ୍ରଜନନ ପ୍ରକ୍ରିୟା ଆରମ୍ଭ



**ବସା ଚିହ୍ନଟରେ ବନ କର୍ମଚାରୀ**

**କଟକ, ୦୪/୦୭ ନ୍ୟୁଜ ବ୍ୟୁରୋ**

ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳ ମାନଙ୍କରେ ବାସ କରୁଥିବା ବିରଳ ବଉଳା କୁମ୍ଭୀରଙ୍କ ବସା ଚିହ୍ନଟ ପକ୍ରିୟା ଜାରି ରହିଛି । ଭିତରକନିକା ଏସିଏଫ୍ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଭିତରକନିକା ନଦୀ ନାଳ ସମେତ ଭିତରକନିକା ଜଙ୍ଗଲରେ କୁମ୍ଭୀରମାନଙ୍କ ବସାକୁ ଚିହ୍ନଟ କରୁଛନ୍ତି। ଏଥିସହ ଜୁଆର ପାଣି ମାଡି ଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପକ୍ରିୟା ଆରମ୍ଭ ହୋଇଛି ।

ପ୍ରତିବର୍ଷ ମଇ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ମାସ ଧରି ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପକ୍ରିୟା ଜାରି ରହିଥାଏ। ମାଆ କୁମ୍ଭୀର ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟାକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ।

ଏହି ପ୍ରଜନନ ପ୍ରକ୍ରୀୟା ଅବସରରେ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଂଚଳରେ ବନ ବିଭାଗ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ବିବାହ ପରେ ପ୍ରେମ ସମ୍ପର୍କକୁ ଲୁଚାଇବା ଗୋପନୀୟତା ଅଧିକାର ନୁହେଁ



**ନୂଆଦିଲ୍ଲୀ,୪/୭**

ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଗୋପନୀୟତାର ଅଧିକାର ଏତେ ବ୍ୟାପକ ନୁହେଁ ଯେ, ଏହାକୁ ସ୍ୱାମୀ କିମ୍ବା ସ୍ତ୍ରୀଙ୍କଠାରୁ ସମ୍ପର୍କର ପ୍ରମାଣ ଲୁଚାଇବା ପାଇଁ ବ୍ୟବହାର କରାଯାଇପାରିବ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଛାଡପତ୍ର ମାମଲାରେ, ଯଦି ବ୍ୟଭିଚାର ପ୍ରମାଣ କରିବା ପାଇଁ ମୋବାଇଲ୍ କଲ୍ ରେକର୍ଡ କିମ୍ବା ହୋଟେଲ ରହଣି ରେକର୍ଡ ଆବଶ୍ୟକ ପଡ଼େ ତେବେ ଗୋପନୀୟତା ଅଧିକାରର ଆଳ ଦେଖାଇ ଏହି ପ୍ରମାଣଗୁଡ଼ିକୁ କୋର୍ଟରେ ଉପସ୍ଥାପନ କରିବାରୁ ରୋକାଯାଇପାରିବ ନାହିଁ। ମାମଲାର ଶୁଣାଣି ସମୟରେ ବିଚାରପତି ମନମୋହନ ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କର ରାୟକୁ କାଏମ୍ ରଖି ସ୍ୱାମୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ସ୍ୱାମୀ ଯୁକ୍ତି ଦେଇଥିଲେ ଯେ, କୋର୍ଟଙ୍କ ପକ୍ଷରୁ ତାଙ୍କର ରେକର୍ଡ ଏବଂ ହୋଟେଲ ରହଣି ସୂଚନା ମାଗିବା ତାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ। ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ରାୟ ଶୁଣାଇବା ସମୟରେ କହିଥିଲେ ଯେ, ଗୋପନୀୟତାର ଅଧିକାର ସମ୍ପୂର୍ଣ୍ଣ ନୁହେଁ। କୋର୍ଟ କହିଥିଲେ, ଜନସ୍ୱାର୍ଥ ଏବଂ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଯାଇପାରିବ। ଦିଲ୍ଲୀ ହାଇକୋର୍ଟ କହିଥିଲେ, ହିନ୍ଦୁ ବିବାହ ଆଇନ ବିଶ୍ୱାସଘାତକତାକୁ ଛାଡପତ୍ର ପାଇଁ ଏକ ଆଇନଗତ କାରଣ ଭାବରେ ମାନ୍ୟତା ଦିଏ। ତେଣୁ, ବିବାହ କରି ଅନ୍ୟ ମହିଳାଙ୍କ ସହିତ ଯୌନ ସମ୍ପର୍କ ରଖିବାର ଅଭିଯୋଗରେ ଅଭିଯୁକ୍ତ ଜଣେ ବିବାହିତ ପୁରୁଷଙ୍କୁ ସହାୟତା କରିବା ପାଇଁ ଗୋପନୀୟତାର ଅଧିକାରକୁ କୋର୍ଟ ଏକ ଢାଲ ଭାବେ ବ୍ୟବହାର କରିବା ଜନସ୍ୱାର୍ଥ ଉପଯୋଗୀ ହେବ ନାହିଁ। ସ୍ୱାମୀଙ୍କ ହୋଟେଲ୍ ରିଜର୍ଭେସନ୍ ଏବଂ କଲ୍ ଡିଟେଲ୍ ରେକର୍ଡର ବିବରଣୀ ପ୍ରଦାନ କରିବାକୁ ପରିବାର କୋର୍ଟଙ୍କର ରାୟକୁ କାଏମ୍ ରଖି ହାଇକୋର୍ଟ ରାୟ ପ୍ରଦାନ କରିଥିଲେ।

ଏହି ମାମଲାରେ, ଦମ୍ପତି ୧୯୯୮ ମସିହାରେ ବିବାହ କରିଥିଲେ ଏବଂ ୨୦୦୦ ମସିହାରେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ପତ୍ନୀ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀଙ୍କର ବିବାହ ପରେ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ରହିଛି ଏବଂ ସ୍ୱାମୀ ତାଙ୍କ ସହିତ ଜୟପୁରର ଏକ ହୋଟେଲରେ ରହିଥିଲେ। ଅଭିଯୋଗ ପରେ ପତ୍ନୀ ଛାଡପତ୍ର ଆବେଦନ ଦାଖଲ କରିଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ହୋଟେଲ ବୁକିଂ ରେକର୍ଡ ଏବଂ ମୋବାଇଲ୍ କଲ୍ ବିବରଣୀ ଦାଖଲ କରିବାକୁ କୋର୍ଟକୁ ଅନୁରୋଧ କରିଥିଲେ। ପରିବାର କୋର୍ଟ ଏହି ଅନୁରୋଧକୁ ମଞ୍ଜୁର କରିଥିଲେ। ଏହି ରାୟକୁ ପରେ ଦିଲ୍ଲୀ ହାଇକୋର୍ଟ ଏବଂ ବର୍ତ୍ତମାନ ସୁପ୍ରିମକୋର୍ଟ କାଏମ୍ ରଖିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୪/୦୭/୨୦୨୬
୧,୭୦,୮୫୧/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୦୨ଗ୍ରାମ୍ ୦୦୦ ମିଲିଗ୍ରାମ

# ବାଣୀବିହାର ନିକଟ ଡ୍ରେନରେ ଭାସିଯାଇ ଯୁବକ ନିଖୋଜ

**ଭୁବନେଶ୍ୱର, ୪/୦୭ ନ୍ୟୁଜ ବ୍ୟୁରୋ**

ସ୍ମାର୍ଟ ସିଟି ଭୁବନେଶ୍ୱରକୁ ସବୁବେଳେ ବର୍ଷା ହିଁ କାଳ ସାଜିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଛି । ଏହାସହ ରାଜଧାନୀ ରାସ୍ତା କଥା କହିଲେ ନସରେ । ନା ଅଛି ମଜବୁତ ଡ୍ରେନ, ନା ଜଳ ନିଷ୍କାସନ ପାଇଁ ବିକଳ୍ପ ବ୍ୟବସ୍ଥା । ଯାହାର ବିକଳ ଚିତ୍ର ଶନିବାର ସାମ୍ନାକୁ ଆସିଛି । ରାଜଧାନୀର ଛାତି କୁହାଯାଉଥିବା ବାଣୀବିହାର ଛକରେ ଶନିବାର ଡ୍ରେନରେ ପଡି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ପୁଲିସ, ଅଗ୍ନିସମବାହିନୀ ଓ ଉଦ୍ଧାରକାରୀ ଟିମ୍ ଦ୍ୱାରା ଦୀର୍ଘ ସମୟ ଧରି ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ହାଇକୋର୍ଟର ଆସିଷ୍ଟାଣ୍ଟ୍ ସେକ୍ସନ ଅଫିସର ପ୍ରଶ୍ନପତ୍ର ପ୍ରଘଟ ମାମଲା

# ୧୪ ଜଣଙ୍କ ଜାମିନ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ



**କଟକ, ୦୪/୦୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ଆସିଷ୍ଟାଣ୍ଟ୍ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ୧୪ ଜଣଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି। ସମସ୍ତ ଅଭିଯୁକ୍ତଙ୍କ ପକ୍ଷରୁ ଦାୟର ହୋଇଥିବା ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ରାୟ ସଂରକ୍ଷିତ ରଖିଛନ୍ତି । ତେବେ ଆବେଦନକାରୀଙ୍କୁ ଲିଖିତ ଜବାବ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ, ଗତ ବର୍ଷ ଅନୁଷ୍ଠିତ ହୋଇଥିବା ଏଏସ୍ଓ ମୁଖ୍ୟ ଲିଖିତ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ହାଇକୋର୍ଟ ସେହି ପରୀକ୍ଷାକୁ ବାତିଲ କରିଦେଇଥିଲେ । ଏହାପରେ ପୁନର୍ବାର ମୁଖ୍ୟ ଲିଖିତ ପରୀକ୍ଷା କରାଯାଇ ଫଳାଫଳ ପ୍ରକାଶ ପାଇଥିଲା । ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏକ ଆଉଟସୋର୍ସିଂ ଏଜେନ୍ସିର କାର୍ଯ୍ୟକଳାପରେ ତ୍ରୁଟି ଏବଂ ଅନିୟମିତତା ଜଣାପଡ଼ିବା ପରେ କଟକର ଲାଲବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଖାତା ମୂଲ୍ୟାୟନରୁ ଜଣାପଡ଼ିଥିଲା ଯେ କେତେକ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀ ମଡେଲ ଉତ୍ତରକୁ ନକଲ କରି ଅସ୍ୱାଭାବିକ ଭାବେ ଅଧିକ ମାର୍କ ରଖିଛନ୍ତି। ଏଥିସହିତ ଫୋନ୍ ରେକର୍ଡରୁ ଆଉଟସୋର୍ସିଂ ଏଜେନ୍ସିର ଅଧିକାରୀ, ଦଲାଲ୍ ଏବଂ କେତେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଥିବା ପ୍ରମାଣ ମିଳିଥିଲା । ପୁଲିସ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରିଥିଲା । ପରେ ନିମ୍ନଅଦାଲତ ସେମାନଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି । ସେହିପରି ଜେଲ୍‌ରେ ବନ୍ଦୀ ଭାବେ ୧୪ ବର୍ଷରୁ ଅଧିକ ସମୟ କଟାଇ ସାରିଥିବା ଆସାମୀଙ୍କର ଯଦି ବ୍ୟବହାର ଭଲ ରହିଥାଏ ସେଭଳି ଆସାମୀଙ୍କୁ ଛାଡ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ନିଷ୍ପତ୍ତି ନେବାକୁ ରାଜ୍ୟରେ ଏକ 'ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ଗଠନ କରାଯାଇଛି। କିନ୍ତୁ ଏହି ରିଭ୍ୟୁ ବୋର୍ଡ ଧାର୍ଯ୍ୟ ତାରିଖରେ ନବସିବା କାରଣରୁ ହାଇକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆସନ୍ତା ୬ ତାରିଖରେ ପରବର୍ତ୍ତୀ ରିଭ୍ୟୁ ବୋର୍ଡ ବସିବା ଲାଗି ସ୍ଥିର ହୋଇଥିଲାବେଳେ ଯଦି ଧାର୍ଯ୍ୟ ଦିନ ଏହି ବୈଠକ ନବସେ ତାହେଲେ ହାଇକୋର୍ଟ ରାଜ୍ୟ ସରକାରଙ୍କ ବିରୋଧରେ ବିରୋଧାତ୍ମକ ଆଦେଶ ଦେବେ ବୋଲି ଚେତାବନୀ ଦେଇଛନ୍ତି । ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ୯ ତାରିଖକୁ ଧାର୍ଯ୍ୟ ହୋଇଛି । ଜେଲରେ ୧୪ ବର୍ଷରୁ ଅଧିକ ସମୟ କଟାଇ ସାରିଥିବା ବନ୍ଦୀମାନଙ୍କ ବ୍ୟବହାରକୁ ଦେଖିବା ପରେ ଯଦି ସେମାନଙ୍କ ଆଚରଣରେ ପରିବର୍ତ୍ତନ ହୋଇଥିବାର ଲକ୍ଷ୍ୟ କରାଯାଇଥିବ, ଯଦି ସେମାନେ ଜେଲରେ ଥିବା ସମୟରେ କୌଣସି ପ୍ରକାର ଖରାପ ଆଚରଣ କରିନଥିବେ, ଜେଲ୍ ବାହାରକୁ ଗଲେ ସେମାନେ ଆଉ ଯେପରି କୌଣସି ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ ହେବେ ନାହିଁ ବୋଲି ଆଶା କରାଯାଇ ପାରିବ, ସେହିଭଳି ବନ୍ଦୀମାନଙ୍କୁ ଛାଡ଼ କରିଦେବାକୁ ସୁପ୍ରିମକୋର୍ଟ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହି କାର୍ଯ୍ୟ କେତେଦୂର୍ ଠିକ୍ ଭାବେ କରୁଛନ୍ତି କି' ନାହିଁ ତାହାକୁ ହାଇକୋର୍ଟ ତଦାରଖ କରିବାକୁ କୁହାଯାଇଥିଲା। ବନ୍ଦୀମାନଙ୍କୁ ଛାଡ଼ ପାଇଁ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଗଠନ କରାଯାଇଛି । ଏହି ବୋର୍ଡ ବିଭିନ୍ନ ଜିଲ୍ଲା ତଥା ଜେଲରୁ ଆସିଥିବା ବନ୍ଦୀମାନଙ୍କ ତାଲିକା ଉପରେ ବିଚାର କରି ସେମାନଙ୍କୁ ଛାଡ଼ କରାଯିବ କି ନାହିଁ ତାହା ଉପରେ ନିଷ୍ପତ୍ତି ନେବ। ଏହି ବୋର୍ଡର ବୈଠକ ଗତ ଏପ୍ରିଲ ୨୭ ତାରିଖରେ ହେବା ଲାଗି ସ୍ଥିର ହୋଇଥିଲା। କିନ୍ତୁ ଧାର୍ଯ୍ୟ ଦିନ ଏହି ବୈଠକ ବସିନଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା ଯାହାକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେତେବେଳେ ଏଭଳି ମାମଲାକୁ ନିଜେ ସୁପ୍ରିମକୋର୍ଟ ତଦାରଖ କରୁଛନ୍ତି ସେତେବେଳେ ରାଜ୍ୟ ସରକାର କ'ଣ ପାଇଁ ଏହି ବୈଠକ କରିବାରୁ ନିବୃତ୍ତ ରହିଲେ ତାହା ହାଇକୋର୍ଟଙ୍କୁ ଆଶ୍ଚର୍ଯ୍ୟ କରିଛି। ଆସନ୍ତା ୬ ତାରିଖରେ ପୁନର୍ବାର ଏହି ବୋର୍ଡର ବୈଠକ ବସିବାକୁ ସ୍ଥିର ହୋଇଛି। ସେହିଦିନ କେତେ ଜଣ ବନ୍ଦୀଙ୍କୁ ଛାଡ଼ କରାଯିବ ସେ ସଂକ୍ରାନ୍ତରେ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବରାଜ ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।